# ପାଟଣା ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ



**ପାଟଣା,୧।୩(ସମିସ):** କେନ୍ଦୁଝର ଜିଲ୍ଲା ପାଟଣାକୁ ଏନ୍‌ଏସି କରିବା ଦାବି ନେଇ ତହସିଲଦାର ଲୀଳାବତୀ ନାଏକଙ୍କୁ ପାଟଣା ଅଞ୍ଚଳର ବୁଦ୍ଧିଜୀବୀମାନେ ୩ ଦଫା ଦାବିପତ୍ର ପ୍ରଦାନ କରିଛନ୍ତି। ପାଟଣା ତହସିଲଦାର ଏହି ଦାବିପତ୍ରକୁ ମୁଖ୍ୟମନ୍ତ୍ରୀ, '୫-ଟି' ଅଧକ୍ଷ ଏବଂ ମୁଖ୍ୟ ଶାସନ ସଚିବଙ୍କୁ ପଠାଇ ଯଥାଶୀଘ୍ର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଦାବିପତ୍ର ପ୍ରଦାନ ସମୟରେ ପାଟଣା ଅଞ୍ଚଳର ବୁଦ୍ଧିଜୀବୀ ପୂର୍ବତନ ବ୍ଲକ ଅଧକ୍ଷ ବିଦ୍ୟାଧର ଦାଶ, ଅଜୟ କୁମାର ଦାଶ, ଲକ୍ଷ୍ମଣ କୁମାର ଦାଶ, ବିନୋଦ ବିହାରୀ ନାଏକ, ଦୁର୍ଗାଚରଣ ନାୟକ, ଅଜୟ କୁମାର ବେହେରା, ସହଦେବ ବେହେରା, ଯୁଧିଷ୍ଠିର ମହାନ୍ତ, ପ୍ରକାଶ କୁମାର ସେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ହାଟଡିହୀକୁ ଏନ୍‌ଏସି କରିବାକୁ ଦାବି

**ହାଟଡ଼ିହୀ,୧।୩(ସମିସ):** କେନ୍ଦୁଝର ଜିଲ୍ଲାର ହାଟଡିହୀ, ଛେନାପଦି ଏବଂ ମରେଇଗାଁ ବଜାର ଗୁଡ଼ିକ ଏକ ପ୍ରମୁଖ ବ୍ୟବସାୟିକ ପେଣ୍ଠସ୍ଥଳ। ଯାହାକି ଏପର୍ଯ୍ୟନ୍ତ ଏନ୍‌ଏସି ରୂପେ ସରକାରୀ ମାନ୍ୟତା ପାଇନାହିଁ। ହାଟଡିହୀ ଅଞ୍ଚଳରେ ଜେଏମ୍‌ଏଫସି କୋର୍ଟ, ତହସିଲ, ୩ଗୋଟି ବ୍ୟାଙ୍କ, ବ୍ଲକ୍, ସବ-ଟ୍ରେଜେରୀ, ଦମକଳ କେନ୍ଦ୍ର, ପିଏଚଡି ଅଫିସ, କୃଷି ଅଫିସ୍, ଆର୍‌ଆଇ ଅଫିସ, ଥାନା, ପଶୁ ଡାକ୍ତରଖାନା, ଆର୍‌ଡି ଅଫିସ, ଜଳସମ୍ପଦ ଅଫିସ, ୨ଟି କଲେଜ୍, ବିଇଓ ଅଫିସ୍, ଡାକ୍ତରଖାନା, ବିଦ୍ୟୁତ୍ ଅଫିସ, ଆଦର୍ଶ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନିର୍ମାଣାଧୀନ ଲାଇବ୍ରେରୀ ହଲ୍ ଭଳି ବିଭିନ୍ନ ଅଫିସ ଗଢ଼ିଉଠିଛି। ହାଟଡିହୀ ଅଞ୍ଚଳଟି ଏକ ପ୍ରକାର ଉନ୍ନତି ସହର ହୋଇଥିବା ବେଳେ ଏଠାରେ ଛେନାପଦି ଠାରୁ ମରେଇଗାଁ ଯାଏଁ ଅନେକ ସୁପ୍ରତିଷ୍ଠିତ ବ୍ୟବସାୟିକ କେନ୍ଦ୍ର ଗଢ଼ିଉଠିଛି। ଏହି ବ୍ୟବସାୟ ପ୍ରତିଷ୍ଠାନ ଏବଂ ସରକାରୀ ଅଫିସ ଗୁଡ଼ିକରେ ପ୍ରତିଦିନ ଆଖପାଖ ଅଞ୍ଚଳରୁ ହଜାର ହଜାର ଲୋକ ନିର୍ଭର କରିଥାନ୍ତି। ହାଟଡିହୀ ପଞ୍ଚାୟତ ସହ ମରେଇଗାଁ ଓ ଶାସଙ୍ଗ ପଞ୍ଚାୟତର କିଛି ଅଂଶକୁ ମିଶାଇଲେ ଏହାର ଜନସଂଖ୍ୟା ପ୍ରାୟ ୧୦ହଜାରରୁ ଊର୍ଦ୍ଧ୍ୱ ହେବ। ତେଣୁ ଏହାକୁ ଏକ ଏନ୍‌ଏସି ଭାବେ ଘୋଷଣା କରିବାକୁ ଦାବି ହୋଇଛି।

# ପୂର୍ବତନ ସମିତି ସମ୍ପାଦକଙ୍କୁ କାରାଦଣ୍ଡ

**ଆନନ୍ଦପୁର,୧।୩(ସମିସ):** ଅଯୋଗ୍ୟ ଚାଷୀଙ୍କୁ ଋଣ ଛାଡ କରିବା ମାମଲାରେ କେନ୍ଦୁଝର ଜିଲ୍ଲା ଦେଓଗାଁ ସମବାୟ ସମିତିର ପୂର୍ବତନ ସମ୍ପାଦକ ଭାଗିରଥୀ ଭୂୟାଁଙ୍କୁ କେନ୍ଦୁଝର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ରଶ୍ମିତା ଦଲେଇ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦାୟ ଅଧିକ ୨ ମାସ ଜେଲ ବୋଲି କୋର୍ଟ ରାୟ ଦେଇଛନ୍ତି। ୨୦୦୮-୦୯ ରେ କେନ୍ଦ୍ର ସରକାର ଚାଷ ଋଣ ଛାଡ କରିଥିଲେ। ଋଣ ଛାଡ ପାଇଁ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ମାପଦଣ୍ଡ ନିର୍ଦ୍ଧାରଣ କରିଥିଲେ। ଶ୍ରୀ ଭୂୟାଁ ୨୦ ଜଣ ଅଯୋଗ୍ୟ ଚାଷୀଙ୍କଠ ନାମ ତାଲିକା ପଠାଇଥିଲେ। ଫଳରେ ସଂପୃକ୍ତ ୨୦ଜଣ ଚାଷୀଙ୍କୁ ୩ ଲକ୍ଷ ୨୪ ହଜାର ଟଙ୍କା ଋଣ ଛାଡ କରାଯାଇଥିଲା। ଏହି ଘଟଣାରେ ଭିଜିଲାନ୍ସ ନିଜଆଡୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ଭିଜିଲାନ୍ସ କେଶ ନଂ ୫୦/୨୦୧୧ରେ ମାମଲା ରୁଜୁ ହୋଇଥିଲା। କୋର୍ଟ ୩୭ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଆଜି ଉପରୋକ୍ତ ରାୟ ଦେଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଦେବଦତ୍ତ ବିଶ୍ୱାଳ ମାମଲା ପରିଚାଳନା କରୁଥିଲେ।

# ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ

**ସୋସୋ, ୧।୩ (ସମିସ):** ହାଟଡିହି ବ୍ଲକର ପଢିଆରୀପଲ୍ଲି ନୋଡାଲ ବିଦ୍ୟାଳୟକୁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ପ୍ରଧାନ ଶିକ୍ଷକ ସୁରେନ୍ଦ୍ର କୁମାର ରାଉତ ଏହି ପୁରସ୍କାର ଗ୍ରହଣ କରିଥିଲେ। ସେହିପରି ବରିଷ୍ଠ ଶିକ୍ଷକ ମୋହନ କୁମାର ମହାନ୍ତିଙ୍କୁ ଶ୍ରେଷ୍ଠ ଶିକ୍ଷକ ଭାବେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ମିଳିଛି। ଏଲିମେଣ୍ଟାରି ଶିକ୍ଷକ ପୁରସ୍କାର ଭାବେ ଶ୍ରୀ ମହାନ୍ତି ବ୍ଲକସ୍ତରରେ ଜଣେ ମାତ୍ର ପୁରସ୍କୃତ ହୋଇଛନ୍ତି।

# ରାସନ କାର୍ଡଧାରୀଙ୍କୁ ମିଳିଲା ଟଙ୍କା



**ରାମଚନ୍ଦ୍ରପୁର,୧।୩(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ଅଳତି ପଞ୍ଚାୟତ ସଭାଗୃହରେ ରାସନକାର୍ଡ ଧାରୀଙ୍କୁ ଏକ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଛି। ସ୍ଥାନିୟ ସରପଞ୍ଚ ଇଂ.ପ୍ରିୟବ୍ରତ ବରାଳଙ୍କ ସଂଯୋଜନାରେ ଅତିଥି ଭାବେ ଘସିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର ଯୋଗଦେଇ ପଞ୍ଚାୟତର ମୋଟ ୧୩୨୦ ଜଣ ରାସନକାର୍ଡ ହିତାଧିକାରୀଙ୍କୁ ଏକ ହଜାର ଟଙ୍କା ସହ ଦୁଇଟି ବ୍ୟାଗ ପ୍ରଦାନ କରିଥିଲେ। ଏହି ପ୍ରୋତ୍ସାହନ ରାଶି ଗରିବ ଲୋକଙ୍କ ମନରେ ଅନେକ ଉତ୍ସାହ ଓ ଖୁସି ଆଣି ଦେଇଥିବା ବିଧାୟକ କହିବା ସହ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଥିଲେ। ପ୍ରୋତ୍ସାହନ ରାଶି ପ୍ରଦାନ ରେ ପିଇଓ ଅଜୟକୁମାର ନାଏକ, ଗ୍ରାମରୋଜଗାର ସେବକ ପ୍ରିୟବ୍ରତ ମହାରଣା ଏବଂ ରାସନ ବଣ୍ଟନ ଦାୟିତ୍ୱରେ ଥିବା କିଚକେଶ୍ୱରୀ ଏବଂ ଗାୟତ୍ରୀ ଏସ୍‌ଏଚ୍‌ଜି ମହିଳା ସଦସ୍ୟମାନେ ଉପସ୍ଥିତ ରହି ସକ୍ରିୟ ସହଯୋଗ କରିଥିଲେ।

# ଗିରିଗାଁ ସ୍କୁଲ୍ ଶିକ୍ଷକଙ୍କ ମାଡ଼ରେ ଛାତ୍ର ଭୟଭୀତ

ଆନନ୍ଦପୁର,୧।୩(ସମିସ): ରାଜ୍ୟ ସରକାର ବିଦ୍ୟାଳୟ ପରିସରକୁ ଦଣ୍ଡମୁକ୍ତ ଅଞ୍ଚଳ ଘୋଷଣା କରିଥିବା ବେଳେ କେତେକ ବିଦ୍ୟାଳୟର ଶିକ୍ଷକମାନେ ଏହି ନିୟମକୁ ଉଲ୍ଲଙ୍ଘ କରୁଥିବାରୁ ବିଦ୍ୟାଳୟରେ ଛାତ୍ର ଉପସ୍ଥାନ ହ୍ରାସ ପାଇବା ଭଳି ପରିସ୍ଥିତି ସୃଷ୍ଟି ହୋଇଥିବା ଜଣାଯାଇଛି। ଏପରି ବ୍ୟତିକ୍ରମ ପରିଲକ୍ଷିତ ହୋଇଛି କେନ୍ଦୁଝର ଜିଲ୍ଲା ସମଣା ପଞ୍ଚାୟତ ର ଗିରିଗାଁ ଶ୍ରୀଧର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ। ଏହି ବିଦ୍ୟାଳୟର କେତେକ ଛାତ୍ରଙ୍କୁ ଶିକ୍ଷକଙ୍କ ନିସ୍ଥୁକ ମାଡ ଘଟଣାରେ ଉଦ୍‌ବେଗ ପ୍ରକାଶ ପାଇଛି। ଶିକ୍ଷକଙ୍କ ଏପରି




ମାଡ଼ ଯୋଗୁ ଜଣେ ଛାତ୍ର ସମାନ୍ୟ ଆହତ ହୋଇଥିବା ବେଳେ ଅନ୍ୟ କେତେକ ଛାତ୍ର ମାଡ ଖାଇ ଆଜି ବିଦ୍ୟାଳୟକୁ ଆସିନଥିବା ଆଲୋଚନାର ବିଷୟ ହୋଇଛି। ମିଳିଥିବା ସୂଚନାନୁଯାୟୀ, ଗତ ଗୁରୁବାର ବିଦ୍ୟାଳୟରେ କେତେକ ଛାତ୍ର ନିଜ ଖାତାରୁ କାଗଜ ଚିରି ଖେଳୁଥିବା ବେଳେ ବିଦ୍ୟାଳୟର ଜନୈକ ଶିକ୍ଷକ ଛାତ୍ରମାନଙ୍କୁ ମାଡ ମାରିଥିଲେ। ମାଡ ଖାଇଥିବା ଛାତ୍ରମାନେ ଭୟରେ ଘରକୁ ପଳାଇଥିବା ବେଳେ ସେମାନଙ୍କ ମଧ୍ୟରୁ ଆଜି କେତେକ ଛାତ୍ର ଭୟଭୀତ ହୋଇ ବିଦ୍ୟାଳୟକୁ ଆସିନଥିବା ସୂଚନା ମିଳିଛି। ଏହି ଘଟଣା ସାମାଜିକ ଗଣମାଧ୍ୟମରେ ଘୁରି ବୁଲିବାରୁ ଶିକ୍ଷକଙ୍କ କାର୍ଯ୍ୟକଳାପ ନେଇ ହାଟଡିହି ଅତିରିକ୍ତ ଶିକ୍ଷାଧିକାରୀ ସ୍ନେହଲତା ମହାରଣାଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ ଘଟଣାର ଅନୁଧ୍ୟାନ କରିଥିଲେ। ତେବେ ଶିକ୍ଷକ ଓ ଅଭିଭାବକମାନଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇଯାଇଥିବା ପ୍ରକାଶ କରିଥିଲେ।

# ଆନନ୍ଦପୁର ମୃତ୍ତିକା ସଂରକ୍ଷଣ କାର୍ଯ୍ୟାଳୟରେ ତାଲା

ଆନନ୍ଦପୁର,୧।୩(ସମିସ)



ଆନନ୍ଦପୁର କଚେରି ଛକଠାରେ ଥିବା ମୃତ୍ତିକା ସଂରକ୍ଷଣ ବିଭାଗ କାର୍ଯ୍ୟାଳୟ ନିୟମିତ ଠିକ୍ ସମୟରେ ଖୋଲୁନଥିବାରୁ ସାଧାରଣ ଲୋକେ ନାହିଁ ନଥିବା ହୀନସ୍ତା ହେଉଥିବା ଅଭିଯୋଗ ହୋଇଛି। ଏହି ବିଭାଗର ଆନନ୍ଦପୁର ମୃତ୍ତିକା ସଂରକ୍ଷଣ ଅଧିକାରୀ ପଦବୀ ଦୀର୍ଘଦିନ ହେବ ଖାଲି ପଡିଥିବା ବେଳେ ଜଣେ ସହକାରୀ ଯନ୍ତ୍ରୀ ଏହି କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ଜଣାଯାଇଛି। ଆନନ୍ଦପୁର, ଘସିପୁରା ଓ ହାଟଡିହି ବ୍ଲକର ବିଭିନ୍ନ ସ୍ଥାନରେ ମୃତ୍ତିକା ସଂରକ୍ଷଣ ସମ୍ପର୍କିତ ପ୍ରକଳ୍ପ ଗୁଡିକର ତଦାରଖ ପାଇଁ ୬ ଜଣ କର୍ମଚାରୀ ନିୟୋଜିତ ହୋଇଛନ୍ତି। ହେଲେ ଆନନ୍ଦପୁର ସଦର ମହକୁମା ଠାରେ ଥିବା ଏହି ଉପଖଣ୍ଡସ୍ତରୀୟ କାର୍ଯ୍ୟାଳୟ ଅନେକ ସମୟରେ ତାଲା ପଡି ରହୁଥିବା ପରିଲକ୍ଷିତ ହୋଇଛି। ଏହି କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ଅଧିକାରୀ କିମ୍ବା କର୍ମଚାରୀ ୬ କିଲୋମିଟର ଦୂର ମଧ୍ୟରେ ରହିବାକୁ ନିୟମ ଥିବା ବେଳେ ସୁଦୂର ବାଲେଶ୍ୱର ଓ ଭୁବନେଶ୍ୱରରୁ କର୍ମଚାରୀମାନେ ଆସୁଥିବା ଆଲୋଚନାରୁ ଜଣାଯାଇଛି। ଆନନ୍ଦପୁର ଉପଖଣ୍ଡ ପ୍ରଶାସନର ଆଢୁଆଳରେ ରହିଯାଇଥିବା ଏହି କାର୍ଯ୍ୟାଳୟ ପ୍ରତି ପ୍ରଶାସନର ଦୃଷ୍ଟି ଗୋଚର ହେଉନଥିବାରୁ କର୍ମଚାରୀମାନଙ୍କ ମନମାନିରେ ଏହି କାର୍ଯ୍ୟାଳୟ ଚାଲିଥିବା ଅଭିଯୋଗ ହୋଇଛି। ନିୟୋଜିତ କର୍ମଚାରୀମାନେ କ୍ଷେତ୍ର ପରିଦର୍ଶନ ଆଳରେ ବ୍ୟକ୍ତିଗତ କାର୍ଯ୍ୟରେ ଲିପ୍ତ ରହୁଥିବା ଅଭିଯୋଗ ହୋଇଛି। ଏହି କାର୍ଯ୍ୟାଳୟ ଅନେକ ସମୟରେ ବନ୍ଦ ରହୁଥିବାରୁ ଉପଖଣ୍ଡର ବିଭିନ୍ନ ଗ୍ରାମାଞ୍ଚଳରୁ ଆସୁଥିବା ଲୋକେ ହତାଶ ହୋଇ ଫେରୁଥିବା ବେଳେ ଆଜି ପଟିଲୋ ଓ ଶାଳଦେଇ ଅଞ୍ଚଳରୁ ଆସିଥିବା ଦୁଇଜଣ ଚାଷୀ ଦିନ ୧୨ ଘଟିକା ପର୍ଯ୍ୟନ୍ତ ଅଫିସ କାର୍ଯ୍ୟାଳୟ ବନ୍ଦ ଥିବାରୁ ବାହାରେ ଠିଆ ହୋଇ ରହିଥିବା ପରିଲକ୍ଷିତ ହୋଇଛି। ଏନେଇ କାର୍ଯ୍ୟାଳୟ ଦାୟିତ୍ୱରେ ଥିବା ସହକାରୀ ଯନ୍ତ୍ରୀ ଶିବାନୀ ମହାରଣାଙ୍କ ସହିତ ଯୋଗସୂତ୍ର ସ୍ଥାପନ କରିବାରୁ 'ମୁଁ ସରକାରୀ ଗୁସ୍ତ କାର୍ଯ୍ୟରେ ଅଛି। ଦୁଇ ଜଣ କର୍ମଚାରୀ ଛୁଟିରେ ଅଛନ୍ତି ଓ ଅନ୍ୟ ୩ ଜଣ କର୍ମଚାରୀ କ୍ଷେତ୍ର ପରିଦର୍ଶନରେ ଥିବାରୁ କାର୍ଯ୍ୟାଳୟ ବନ୍ଦ ଅଛି' ବୋଲି ପ୍ରକାଶ କରିଥିଲେ। ତେବେ ଏହି କାର୍ଯ୍ୟାଳୟ ସରକାରୀ ନିର୍ଦ୍ଧାରିତ ସମୟରେ ନିୟମିତ ଖୋଲାଯିବା ପାଇଁ ଜଣେ ହେଲେ କର୍ମଚାରୀ ରହୁନଥିବାରୁ ଅଫିସରେ ତାଲା ପଡିବା ପରିସ୍ଥିତିକୁ ନେଇ ବିଭିନ୍ନ ମହଲରେ ପ୍ରତିକ୍ରିୟା ପ୍ରକାଶ ପାଇଛି।

# ଆକାଶବାଣୀର ବରିଷ୍ଠ ଘୋଷକ ସୁପାଇ ମୁର୍ମୁଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



**କେନ୍ଦୁଝର,୧।୩(ସମିସ):** ଏବେ ବି ଲକ୍ଷ ଲକ୍ଷ ଶ୍ରୋତା ଆକାଶବାଣୀର କାର୍ଯ୍ୟକ୍ରମକୁ ଭଲ ପାଆନ୍ତି। ରେଡିଓ ମାଧ୍ୟମରେ ଶୁଣିବାର ପଦ୍ଧତି ପରିବର୍ତ୍ତନ ହୋଇଥିବା ବେଳେ ଏଫ୍‌ଏମ୍ ଏବଂ ମୋବାଇଲ ଆପ୍ ସହ ବିଭିନ୍ନ ଚାରିଚକିଆ ଯାନରେ ଆକାଶବାଣୀକୁ ଶୁଣି ହେଉଛି। ତେଣୁ କାର୍ଯ୍ୟକ୍ରମ ଉପସ୍ଥାପନା ସମୟରେ ସରଳ ଓ ସାବଲୀଳ ଶବ୍ଦରେ ଉପସ୍ଥାପନା କରିବାର ଆବଶ୍ୟକତା ସବୁ ସମୟରେ ରହିଛି ବୋଲି ବରିଷ୍ଠ ଘୋଷକ ସୁପାଇ ମୁର୍ମୁ ପ୍ରକାଶ କରିଛନ୍ତି। ଆକାଶବାଣୀ କେନ୍ଦୁଝର କେନ୍ଦ୍ରର ଲୋକପ୍ରିୟ କାର୍ଯ୍ୟକ୍ରମ ହ୍ୟାଲୋ ଆକାଶବାଣୀ ପ୍ରସ୍ତୁତି ସମୟରେ ଶ୍ରୋତାଙ୍କ ଅନ୍ତରଙ୍ଗତା କେବେ ଭୁଲିବାର ନୁହେଁ ବୋଲି ସେ ପ୍ରକାଶ କରିଛନ୍ତି। ଗତ ୩୪ବର୍ଷ ଧରି ଆକାଶବାଣୀ କେନ୍ଦୁଝର କେନ୍ଦ୍ରରେ ବରିଷ୍ଠ ଘୋଷକ ଓ ଉପସ୍ଥାପକ ଭାବେ କାର୍ଯ୍ୟକରି ଗତକାଲି ଅବସର ନେଇଥିବା ସୁପାଇ ମୁର୍ମୁଙ୍କୁ ଆକାଶବାଣୀ କେନ୍ଦୁଝର କେନ୍ଦ୍ର ପରିସରରେ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସନ୍ଧ୍ୟା ସମୟରେ ଆକାଶବାଣୀ କେନ୍ଦୁଝର କେନ୍ଦ୍ରରେ କାର୍ଯ୍ୟରତ ସମସ୍ତ ଉପସ୍ଥାପକ, ଉପସ୍ଥାପିକା, ଘୋଷକ, ଘୋଷିକା ଓ ପ୍ରସାରଣ ସହଯୋଗୀଙ୍କ ତରଫରୁ ବିଦାୟକାଳୀନ ସଭାରେ ସୁପାଇ ମୁର୍ମୁଙ୍କ ସହ କେନ୍ଦ୍ରର କାର୍ଯ୍ୟକ୍ରମ ମୁଖ୍ୟ ଆଖେଶ୍ୱର ଝା, କାର୍ଯ୍ୟକ୍ରମ ନିଷ୍ପାଦକ ଅନିତା ତିର୍କୀ, ବରିଷ୍ଠ ଘୋଷକ ତୁଷାର ସାମନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଘୋଷକ ଭାସ୍କର ମିଶ୍ରଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରଫୁଲ୍ଲ କୁମାର ସାହୁ, ଅଧ୍ୟାପିକା ସ୍ମୃତି ବାନାର୍ଜୀ, ବରିଷ୍ଠ ଉପସ୍ଥାପିକା ଇନ୍ଦୁମତୀ ପାତ୍ର ସମେତ ବିଭିନ୍ନ କାର୍ଯ୍ୟକ୍ରମର ଉପସ୍ଥାପକ, ଉପସ୍ଥାପିକା, ଘୋଷକ, ଘୋଷିକାମାନେ ନିଜର ବକ୍ତବ୍ୟ ରଖିଥିଲେ। ସୁର ନିକେତନର କଳାକାରମାନେ ସଙ୍ଗୀତ ନିର୍ଦ୍ଦେଶକ ରାଜେନ୍ଦ୍ର କୁମାର ବେହେରା ଓ ସୁନୀତା ପଟ୍ଟନାୟକଙ୍କ ସଂଯୋଜନାରେ ସଙ୍ଗୀତ ପରିବେଷଣ କରିଥିଲେ। ପୂର୍ବାହ୍ନରେ ଆକାଶବାଣୀ କେନ୍ଦୁଝର କେନ୍ଦ୍ରର କର୍ମଚାରୀମାନଙ୍କ ଦ୍ୱାରା ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଆନନ୍ଦପୁର ସଂସ୍କୃତି ଭବନ ଉଦ୍‌ଘାଟିତ



**ଆନନ୍ଦପୁର,୧।୩(ସମିସ):** ଆନନ୍ଦପୁର ପୌରାଞ୍ଚଳ ୧୫ନଂ ୱାର୍ଡ ଘସିପୁରାର ମୁରାବାଲିଠାରେ ବିଧାୟକଙ୍କ ହାତପାଣ୍ଠି ଅନୁଦାନରେ ନିର୍ମାଣ ହୋଇଥିବା ସଂସ୍କୃତି ଭବନ ଉଦଘାଟିତ ହୋଇଯାଇଛି। ପ୍ରବଚକ ପଣ୍ଡିତ ଜିତୁ ଦାଶଙ୍କ ସଂଯୋଜନାରେ ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ନିଖିଳ ଉତ୍କଳ ପାଲା ପରିଷଦ ଆନୁକୂଲ୍ୟରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କନକ ମଞ୍ଜରୀ ମହିଳା ମହାବିଦ୍ୟାଳୟ ପୂର୍ବତନ ଅଧକ୍ଷ ଡ. ପ୍ରଦୀପ କୁମାର ମହାନ୍ତି ସଭାପତିତ୍ୱ କରିଥିଲେ। ଏଥିରେ ବିଧାୟକଙ୍କ ସମେତ ଆନନ୍ଦପୁର ଏସ୍‌ଡିପିଓ ପ୍ରଶାନ୍ତ କୁମାର ବେହେରା, କାଉନସିଲର ଉର୍ବଶୀ ସାହୁ, ଯୁବକବି ଅଶୋକ ପୁହାଣ, ଜିଲା ପାଲାକାର ସଂଘ ସଭାପତି ଡ. ଧୀରେନ ମହାନ୍ତି, ଜିଲ୍ଲା ଦଳିତ ଆଦିବାସୀ ବିକାଶ ସଂସ୍ଥାନର ଅଧକ୍ଷ ରମାକାନ୍ତ ପାତ୍ର ପ୍ରମୁଖ ଅତିଥି ଭାବେ ଯୋଗ ଦେଇ ଆନନ୍ଦପୁର ଅଞ୍ଚଳରେ କଳାସଂସ୍କୃତିର ବିକାଶ ପାଇଁ ଏହି ଭବନ ଗୁରୁତ୍ୱବହନ କରିବ ବୋଲି ମତ ଦେଇଥିଲେ। ଏହି ଅବସରରେ ଗାୟକ ଡ. ଧୀରେନ ମହାନ୍ତି , ଗାୟତ୍ରୀ ମୋଦୀ, ଅନନ୍ତ ପଣ୍ଡା, ଉର୍ବଶୀ ଦାଶଙ୍କ ଦ୍ୱାରା ପାଲା ଓ ବୈକୁଣ୍ଠ ନାଥ ଦାଶଙ୍କ ଦ୍ୱାରା ଦାସକାଠିଆ ପରିବେଷଣ କରାଯାଇଥିଲା। ବରିଷ୍ଠ ବିଜେପି ନେତା ଭଗବାନ ସାହୁ, ଗୋଲକ ଜେନା, ବିଜେଡି ଯୁବନେତା ଆଶିଷ ବେହେରା, ବ୍ରହ୍ମାନନ୍ଦ ସାହୁ, ଅଜୟ କୁମାର ସାହୁ, ବସନ୍ତ ଜେନା, ବାବାଜି ପୁହାଣ, ରାମଚନ୍ଦ୍ର ସାହୁ, ଜଗନ୍ନାଥ ବେହେରା, ସୁଶାନ୍ତ ନାଥ, ମଧୁସୂଦନ ପତି, ଗାୟକ ସନାତନ ମହାରଣା, ଦୁଷ୍ମନ୍ତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଦରଖଳାରେ ମାଗେ ପର୍ବ ଉଦ୍‌ଯାପିତ



**ଆନନ୍ଦପୁର,୧।୩(ସମିସ):** ଆନନ୍ଦପୁର ବ୍ଲକ କୋଳିମାଟି ପଞ୍ଚାୟତ ଦରଖଳା ଗ୍ରାମରେ ଆଦିବାସୀଙ୍କ ପାରମ୍ପରିକ ମାଗେ ପରବ ଅନୁଷ୍ଠିତ ହୋଇଛି। ଉଦଯାପନୀ ସମାରୋହରେ ବରିଷ୍ଠ ବିଜେପି ନେତା ଭଗବାନ ସାହୁ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। କମିଟି ସଭାପତି ଧନେଶ୍ୱର ମୁଣ୍ଡା, ସମ୍ପାଦକ ସନାତନ ମହାକୁଡଙ୍କ ତତ୍ୱାବଧାନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କମିଟି ସଦସ୍ୟ ମହେନ୍ଦ୍ର ତପନ, ସମାୟ ହୋ, ଦିନେଶ ତପନ, ସୁଦାମ ମହାକୁଡ, ବାଇଦ୍ର ମୁଣ୍ଡା, କାଇରୋ ହୋ, ସିଦୁ ମୁଣ୍ଡା, କନ୍ଧା ତପନ, ମାଲିକ ମୁଣ୍ଡା, ସମତି ତପନ, ବାନୁ ବନ୍ଦ୍ରା, ଯାତ୍ରୀ ମହାକୁଡ, ଲକ୍ଷ୍ମୀପ୍ରିୟା ମୁଣ୍ଡା, ମୁନି ମହାରଣା, ଲକ୍ଷ୍ମୀ ତପନ, ଦୁଶି ଗାଗରାଇ, ପାର୍ବତୀ ତପନ, ଭଗବାନ ହେମ୍ବ୍ରମ, ମାଣିକ ମୁଣ୍ଡା, ମୁଖିଆ ତପନ, ଗହ୍ଳା ମୁଣ୍ଡା, ସଣ୍ଡା ମୁଣ୍ଡା, ମାଟୁ ହୋ, ସିଦ୍ଧୁ ମୁଣ୍ଡା, ପ୍ରଫୁଲ ହେମ୍ବ୍ରମ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ବରଯାତ୍ରୀଙ୍କୁ ମହୁମାଛି ଆକ୍ରମଣ

**ରାମଚନ୍ଦ୍ରପୁର,୧।୩(ସମିସ):** ଚାଲିଥିଲା ବାହାଘର ରୋଷଣୀ। ବର ଆଉ କନ୍ୟା ପକ୍ଷ ଲୋକଙ୍କ ଗହଳିରେ ଲୋକାରଣ୍ୟ ହୋଇ ଉଠିଥିଲା ଘସିପୁରା ବ୍ଲକ ଅନ୍ତର୍ଗତ ନୂଆପଡାର ପତିତପାବନ କ୍ଷେତ୍ର। ଅଳ୍ପ ସମୟ ପରେ ବରକନ୍ୟା ବେଦୀରେ ବସିଥାନ୍ତେ। ହେଲେ ମନ୍ଦିର ପରିସରେ ବସାବାନ୍ଧି ଥିବା ମହୁଫେଣାରୁ ହଠାତ ହଜାର ହଜାର ସଂଖ୍ୟାରେ ମହୁମାଛି ବାହାରି ଅତର୍କିତ ଭାବେ ଲୋକଙ୍କୁ ଆକ୍ରମଣ କରିଥିଲେ। ମହୁମାଛିଙ୍କ କବଳରୁ ନିଜକୁ ବଞ୍ଚାଇବାକୁ ବରକନ୍ୟା ସମେତ ଯିଏ ଯୁଆଡେ ପାରିଲା ଏଣେ ସେଣେ ଧାଁଦୌଡ କରି ପଳାଇଲା। ମହୁମାଛିଙ୍କ ଆକ୍ରମଣରେ କେତେକ ବ୍ୟକ୍ତି ଆହାତ ମଧ୍ୟ ହେଲେ। କିଛି ସମୟ ପାଇଁ ମନ୍ଦିର ଜନଶୂନ୍ୟ ହୋଇଯାଇଥିଲା। ପରେ ମହୁମାଛି ଶାନ୍ତ ପଡିବା ପରେ ମନ୍ଦିର ପରିସରରେ ବିବାହ ଅନୁଷ୍ଠିତ ହୋଇଥିବା ଜଣାପଡିଛି।

# ପାଟଣା ହାଟ ପଡ଼ିଆରେ ବିପଦଜନକ ଅବସ୍ଥାରେ ଆମ୍ବ ଗଛ

**ପାଟଣା,୧।୩(ସମିସ):** ପାଟଣା ବଜାରରେ ଥିବା ହାଟ ପଡିଆରେ ଏକ ଆମ୍ବ ଗଛର ମୂଳ ଭାଗ ନଷ୍ଟ ହୋଇ ବିପଦଜନକ ଅବସ୍ଥାରେ ଥିବା ଦେଖାଯାଇଛି। ବହୁ ପୁରାତନ ଏହି ଗଛଟିର ମୂଳ ଅଂଶ ନଷ୍ଟ ହୋଇ ନିକଟରେ ଥିବା ହାଟ ପିଣ୍ଡି ଉପରେ ଲଟକି ରହିଛି। ଯେ କୌଣସି ସମୟରେ ଲୋକଙ୍କ ପାଇଁ ବିପଦ ସୃଷ୍ଟି ହୋଇପାରେ। ଏଠାରେ ବୁଧବାର ସାପ୍ତାହିକ ହାଟ ଅନୁଷ୍ଠିତ ହେଉଥିଲା ବେଳେ ପ୍ରତ୍ୟହ ପରିବା ବିକ୍ରି ହୋଇଥାଏ। ତେଣୁ କୌଣସି ମୁହୂର୍ତ୍ତରେ ବି ଅଘଟଣର ଆଶଙ୍କା ରହିଛି। ଏ ସମ୍ପର୍କରେ ସ୍ଥାନୀୟ ଜନସାଧାରଣ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ଏହାର କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି।

# ଆନନ୍ଦପୁର ଡାକ୍ତରଖାନାରେ କାୟାକଳ୍ପ ଟିମ୍



**ଆନନ୍ଦପୁର,୧।୩(ସମିସ):** ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ନିର୍ଦ୍ଦେଶକ୍ରମେ ଆଜି କାୟାକଳ୍ପ ପ୍ରକଳ୍ପର ଏକ ପ୍ରତିନିଧି ଦଳ ଆନନ୍ଦପୁର ଡାକ୍ତରଖାନା ପରିଦର୍ଶନ କରିଥିବା ଜଣାଯାଇଛି। ଏହି ପ୍ରତିନିଧି ଦଳରେ ଆସିଥିବା ୬ ଜଣ ଅଧିକାରୀ ଆନନ୍ଦପୁର ଡାକ୍ତରଖାନା ପରିସରରେ ଥିବା ବିଭିନ୍ନ ସେବାମୂଳକ ଗୃହ, ସଫେଇ ଓ ପରିମଳ ବ୍ୟବସ୍ଥା, ଡାକ୍ତରଖାନା ପରିଚାଳନା, ସେବିକାମାନଙ୍କର ରୋଗୀ ସେବା ସମ୍ପର୍କିତ କାର୍ଯ୍ୟକଳାପ, ଅଳିଆ ଆବର୍ଜନା ସଂଗ୍ରହ ଏବଂ ଡାକ୍ତରଖାନା ପରିସରରେ ଥିବା ପରିସ୍ରାଗାର ଓ ଶୌଚାଳୟ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। ଡାକ୍ତରଖାନାର ଆଉଟଡୋର, ମହିଳା ଓ ପୁରୁଷ ୱାର୍ଡ, ଶବ ବ୍ୟବଚ୍ଛେଦ ଗୃହ, ସେବିକା ପ୍ରକୋଷ୍ଠ, ଔଷଧୀୟ ଉଦ୍ୟାନ, ସଫେଇ କର୍ମଚାରୀ, ସୁରକ୍ଷା କର୍ମଚାରୀ ଓ ହେଲ୍ପ ଡେସ୍କ , ଟିକେଟ କାଉନଟର, ରକ୍ତ, ମଳ ମୂତ୍ର ପରୀକ୍ଷାକେନ୍ଦ୍ରର ପରିଦର୍ଶନ କରି ଦାୟିତ୍ୱରେ ଥିବା କର୍ମଚାରୀମାନଙ୍କୁ ରୋଗୀସେବା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ପରିଦର୍ଶନ କାଳରେ ଆନନ୍ଦପୁର ଡାକ୍ତରଖାନା ସୁପରିନଟେଣ୍ଡେଣ୍ଟ ଧନେଶ୍ୱର ସେଠୀ, ଡାକ୍ତର କୃଷ୍ଣଚନ୍ଦ୍ର ଦାଶ, ଡାକ୍ତର ସପନ ଦାଶ, ଫାର୍ମାସିଷ୍ଟ କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ କର୍ମଚାରୀମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।






## ଅବଧି ସରିଲା; ହେଲେ ସରୁନି ରାସ୍ତା ନିର୍ମାଣ

# ସୂଚନା ଲୁଚାଉଛି ସୂଚନା ଫଳକ

ବାଲିବନ୍ଧ,୧।୩(ସମିସ)

ଜିଲ୍ଲା ଖଣିଜ ପ୍ରତିଷ୍ଠାନ କେନ୍ଦୁଝର ପକ୍ଷରୁ ଖଣି ପ୍ରଭାବିତ ଅଞ୍ଚଳ ଓ ଲୋକଙ୍କ ବିକାଶ ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ସଡ଼କ ନିର୍ମାଣ କରାଯାଉଛି। ତେବେ ପ୍ରଶାସନିକ ଅଧିକାରୀଙ୍କ ଦାୟିତ୍ୱହୀନତା ଏବଂ ଠିକାଦାରଙ୍କ ଲାଭଖୋର ମନୋବୃତ୍ତିରୁ ରାସ୍ତା ନିର୍ମାଣ ଅବଧି ସରିବା ପରେ ମଧ୍ୟ ନିର୍ମାଣ କାମ ଶେଷ ହୋଇପାରୁନାହିଁ। ସୂଚନା ଫଳକରେ ମଧ୍ୟ ସଂପୂର୍ଣ୍ଣ ସୂଚନା ନାହିଁ। ଏଭଳି ଘଟଣା ଦେଖିବାକୁ ମିଳିଛି ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଖେଣ୍ଡରା ପଞ୍ଚାୟତ ଫକିରପୁର ଗ୍ରାମରେ। ଫକିରପୁର ଗ୍ରାମ ଆରଡ଼ି ରାସ୍ତା ଶିବ ମନ୍ଦିର ଛକ ଠାରୁ ପଦ୍ମକେଶରପୁର ପର୍ଯ୍ୟନ୍ତ ରାସ୍ତା ଉନ୍ନତିକରଣ ନିମନ୍ତେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ପକ୍ଷରୁ ୪ କୋଟି ୫୭ଲକ୍ଷ ୪୫ହଜାର ୧୮୯ ଟଙ୍କା ଅନୁଦାନ ପ୍ରଦାନ କରାଯାଇଥିଲା। ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଜନ-୨ର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ରାସ୍ତାର ଉନ୍ନତି କରଣ କାର୍ଯ୍ୟ ଚାଲିଛି। ତେବେ ବିଭାଗୀୟ ଅଧିକାରୀଙ୍କ ଦାୟିତ୍ୱହୀନତା ଯୋଗୁଁ ରାସ୍ତା କାମ ଶେଷ ହେବାର ନା ଧରୁନାହିଁ। ଏହି ରାସ୍ତା ନିର୍ମାଣ ୨୦୨୨ ଜୁନ୍ ୨୩ରେ ଆରମ୍ଭ ହୋଇ ୨୦୨୩ ମାର୍ଚ୍ଚ ୨୨ରେ ଶେଷ ହେବା ପାଇଁ ଅବଧି ଧାର୍ଯ୍ୟ କରାଯାଇଥିଲା। ତେବେ ଅବଧି ଶେଷ ହେବା ପାଖାପାଖି ୧ବର୍ଷ ବିତି ଯାଇଥିଲେ ସୁଧା ରାସ୍ତା ନିର୍ମାଣ ଶେଷ ହୋଇପାରୁନାହିଁ। ଫଳରେ ଏହି ରାସ୍ତା ଉପରେ ନିର୍ଭର କରୁଥିବା ଲୋକେ ନାହିଁ ନଥିବାର କଷ୍ଟ ଭୋଗୁଥିବା ନେଇ ଅଭିଯୋଗ କରିଛନ୍ତି। ଏହା ବ୍ୟତିତ ସୂଚନା ଫଳକରେ ମଧ୍ୟ ସଂପୂର୍ଣ୍ଣ ତଥ୍ୟ ଲିପିବଧ ହୋଇ ନଥିବା ସାମ୍ନା କୁ ଆସିଛି। କେତେ କିଲୋମିଟର ରାସ୍ତା ଉନ୍ନତି କରଣ ନିମନ୍ତେ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। ରାସ୍ତାରେ କେତଟି କଲଭର୍ଟ ନିର୍ମାଣ ହେବାର ପ୍ରାବଧାନ ରହିଛି। ପିଚୁ କିମ୍ବା ଢଳେଇ ରାସ୍ତା ନିର୍ମାଣ ହେବ ତାର କିଛି ସୂଚନା ନାହିଁ। ଏନେଇ ବିଭାଗୀୟ ଯନ୍ତ୍ରୀ କେଶବ ପ୍ରଧାନଙ୍କ ମତାମତ ଲୋଡିବାରୁ କହିଲେ ଏସ୍‌ଡିଓ ସାରଙ୍କୁ ପଚାରନ୍ତୁ। ଅନ୍ୟପକ୍ଷରେ ଏସ୍‌ଡିଓ ଗୋବିନ୍ଦ ମାର୍ଣ୍ଡିଙ୍କ ମତାମତ ଲୋଡିବାରୁ ଘଟଣାକୁ ହାଲୁକା ଭାବେ ନେଇ ମୁଁ ବ୍ୟସ୍ତ ଅଛି କହି ଫୋନ କାଟି ଦେଇଥିଲେ।




## ବିଜେଡିର ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ



**ବାଲିବନ୍ଧ, ୧।୩ (ସମିସ):** ସଦର ନିର୍ବାଚନମଣ୍ଡଳୀ ଅଧୀନରେ ଥିବା ଝୁମ୍ପୁରା ବ୍ଲକର ୧୨ ଗୋଟି ପଞ୍ଚାୟତରେ ବିଜେଡି ପକ୍ଷରୁ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଚାଲିଛି। ପୂର୍ବତନ ସାଂସଦ ତଥା ବିଜେଡି ଜିଲ୍ଲା ସଭାପତି ମାଧବ ସର୍ଦ୍ଦାରଙ୍କ ନେତୃତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଗୁମୁରା ପଞ୍ଚାୟତଠାରୁ ଆରମ୍ଭ କରାଯାଇଥିଲା। ଏହାପରେ ନିଶ୍ଚିନ୍ତପୁର, ନାରଦପୁର, ନହବେଡା, ଖେଣ୍ଡରା, ବାଲିବନ୍ଧ, ଅର୍ଶଳା, କୁଟୁଗାଁ, ନୟାଗଡ, ମଲଦା, ବସନ୍ତପୁର, ଝୁମ୍ପୁରା ପଞ୍ଚାୟତର ପ୍ରତ୍ୟେକ ଘରକୁ ଘର ବିଜେଡିର କର୍ମକର୍ତ୍ତାମାନେ ଯାଇ ଦଳୀୟ ଶଙ୍ଖ ଚିହ୍ନ ଲୋକଙ୍କ ଘର ସମ୍ମୁଖରେ ମାରିବା ସହ ସରକାରଙ୍କ ଯୋଜନାରୁ ବଞ୍ଚିତ ଥିବା ଲୋକଙ୍କ ନାମ ସଂଗ୍ରହ କରୁଥିବା ଜଣାପଡିଛି। କାର୍ଯ୍ୟକ୍ରମରେ ବ୍ଲକ ସଭାପତି ମହମ୍ମଦ କଫିଲ ଆନସାରୀ, ଗୁମୁରା ସରପଞ୍ଚ ତପନ କୁମାର ନାଏକ, ଗୁମୁରା ସମିତିସଭ୍ୟ ଉଦୟନାଥ ପାତ୍ର, ପଞ୍ଚାୟତ ମହିଳା ସଭାପତି ଝରଣା ପାତ୍ର, ନିଶ୍ଚିନ୍ତପୁର ପଞ୍ଚାୟତ ସଭାପତି ଯୋଗେଶ୍ୱର ପଲେଇ, ବ୍ଲକ ଛାତ୍ର ସଭାପତି ମାନସ ରଞ୍ଜନ ସର୍ଦ୍ଦାର, ବସୁମତୀ ମହାନ୍ତ, ଅଖିଳ ମହାନ୍ତ, ଅମିତ ବାରିକଙ୍କ ସମେତ ବହୁ କର୍ମକର୍ତ୍ତା ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ପ୍ରତ୍ୟେକ ଲୋକାଭିମୁଖି ଯୋଜନା ଗୁଡିକ ସମ୍ବନ୍ଧରେ ଲୋକଙ୍କୁ ଅବଗତ କରାଇଥିଲେ।

## ପ୍ରଧାନଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା




**ସୋସୋ,୧।୩(ସମିସ):** ହାଟଡିହି ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ଗେଡମାର ପ୍ରଧାନ ଶିକ୍ଷକ ଉମାକାନ୍ତ ସେନାପତି ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ସହକାରୀ ଶିକ୍ଷୟିତ୍ରୀ ସଂଘମିତ୍ରା ଦାସଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ରତ୍ନାକର ପଣ୍ଡା, ମୁଖ୍ୟ ବକ୍ତା ପୂର୍ବତନ ପ୍ରଧାନ ଶିକ୍ଷକ ସଚ୍ଚିଦାନନ୍ଦ ସାହୁ, ସମ୍ମାନିତ ଅତିଥି ବିନୋଦ ବିହାରୀ ପଣ୍ଡା, ବୃନ୍ଦାବନ ମଲ୍ଲିକ, ଜୟକୃଷ୍ଣା ମିଶ୍ର, ହାଟଡିହି ଓଷ୍ଟା ସମ୍ପାଦକ ଶିଶିର କୁମାର ବିଶ୍ୱାଳ, ଅନିଲ କୁମାର ସିଂ, ସରପଞ୍ଚ ସିଲାରାଣୀ କାଣ୍ଡି, କମିଟି ଅଧ୍ୟକ୍ଷ ସୁରେନ୍ଦ୍ର କୁମାର କାଣ୍ଡି, ଅନାମ ଦାସ, ସବିତା ମହାନ୍ତି, ସୁଶାନ୍ତ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଷ୍ଣୁପ୍ରସାଦ ପାଢୀ, ଚିନ୍ମୟ ଦାସ, ଅକ୍ଷୟ କୁମାର ପଣ୍ଡା, ସୋମଶ୍ରୀ ଜେନା, ମୋନାଲିସା ନାୟକ, ସ୍ମୃତିଶ୍ରୀ ସେନାପତି, କେଶବ ସା, ମାନସ କୁମାର ରାଣା, ଦିଲ୍ଲୀପ କୁମାର ଭୋଳ ପ୍ରମୁଖ ସହଯୋଗ ଓ ପରିଚାଳନା କରିଥିଲେ।

## ଅବସର ନେଲେ ପ୍ରଧାନଶିକ୍ଷକ

**ସୋସୋ,୧।୩(ସମିସ):** ହାଟଡିହୀ ବ୍ଲକ ପାଟଜାଗୁଲାଇ ଉପ୍ରା ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମୋହନ କୁମାର ମହାନ୍ତିଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛ। ଶିକ୍ଷକ ହରେକୃଷ୍ଣ ବେହେରାଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ବରିଷ୍ଠ ସମାଜସେବୀ କୀର୍ତ୍ତନ ବିହାରୀ ଧଳ, ସ୍ୱତନ୍ତ୍ର ଅତିଥି ବିଇଓ ଧନେଶ୍ୱର ଖଣ୍ଡେଇ, କମିଟି ଚେୟାରମ୍ୟାନ ମାୟାଧର ଜେନା, କମିଟି ଉପାଧ୍ୟକ୍ଷ କାମିନି ଭୋଇ, ନିତ୍ୟାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ରହିଥିଲେ। ଶିକ୍ଷକ ଦେବାନନ୍ଦ ଗିରି, କୃଷ୍ଣଚନ୍ଦ୍ର କର, ସତ୍ୟସୁନ୍ଦର ପରିଡା, ଅମିୟ ରଞ୍ଜନ ଘଡେଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

## ରାଷ୍ଟ୍ରପତିଙ୍କୁ ଭେଟିଲେ ପୂର୍ବତନ ସରପଞ୍ଚ

**ସୋସୋ,୧।୩(ସମିସ):** ହାଟଡିହୀ ବ୍ଲକ ଆଦିବାସୀ ବହୁଳ ଓ ବଣ ଜଙ୍ଗଲ, ପାହାଡ ପରିବେଷ୍ଟିତ କେ.ବାଲିପାଳ ପଞ୍ଚାୟତର ବିଭିନ୍ନ ସମସ୍ୟା ଓ ବଉଳା ଅଞ୍ଚଳରେ ବନ୍ଦ ଥିବା କ୍ରୋମାଇଟ ଖଣି ଖୋଲିବା ଦାବି ନେଇ ରାଷ୍ଟ୍ରପତିଙ୍କୁ ଭେଟିଛନ୍ତି ପୂର୍ବତନ ସରପଞ୍ଚ ବିବେକାନନ୍ଦ ରାଉତ। କେନ୍ଦୁଝର ଗସ୍ତରେ ଆସିଥିବା ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ କେନ୍ଦୁଝର ସର୍କିଟ୍ ହାଉସରେ ସେ ସାକ୍ଷାତ କରି ପଞ୍ଚାୟତର ସମସ୍ୟା ସମ୍ପର୍କରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପଞ୍ଚାୟତର ୧୧ଟି ୱାର୍ଡକୁ ନେଇ ଗଠିତ ହୋଇଥିବା ବେଳେ ୯୫ ଭାଗ ଆଦିବାସୀ ଶ୍ରେଣୀର ଲୋକ ବସବାସ କରିଥାନ୍ତି। ଏହି ପଞ୍ଚାୟତଟିରେ ୫ହଜାର ଲୋକ ବସବାସ କରୁଥିବା ବେଳେ ୧୧ଟି ୱାର୍ଡ ମଧ୍ୟରୁ ୯ଟି ୱାର୍ଡରେ ବିଦ୍ୟୁତ ସଂଯୋଗ ନାହିଁ। ୭ଟି ୱାର୍ଡର ଲୋକମାନେ ଜମି କିମ୍ବା ଘରବାଡି ପଟା ନଥିବାରୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ପକ୍କାଗୃହ ଯୋଜନା ଇତ୍ୟାଦିରୁ ବଞ୍ଚିତ ହେଉଛନ୍ତି। ପାନୀୟ ଜଳର ସୁବିଧା ନଥିବାରୁ ନାଳ ଓ ଚୁଆ ପାଣି ଉପରେ ନିର୍ଭର କରିଥାନ୍ତି। ଚିକିତ୍ସା କ୍ଷେତ୍ରରେ ସୁବିଧା ନଥିବାରୁ ବିଭିନ୍ନ ସମୟରେ ଲୋକମାନେ ଅସୁବିଧାରେ ସମ୍ମୁଖିନ ହେବା ସହ ୪୦ କିମି ଦୂରରେ ଥିବା ଡାକ୍ତରଖାନାକୁ ଯିବାକୁ ପଡିଥାଏ। ଜୀବିକା ନିର୍ବାହ ପାଇଁ ବଣ ଜଙ୍ଗଲର ଦ୍ରବ୍ୟ ଓ ଧାନ ଚାଷ ଉପରେ ନିର୍ଭର କରିଥାନ୍ତି। ନିକଟରେ ଥିବା ବଉଳା ଫେକର ଓ ଇମ୍ପା କମ୍ପାନୀ ଖଣି କାର୍ଯ୍ୟ ଦୀର୍ଘ ବର୍ଷ ହେଲା ବନ୍ଦ ହୋଇ ପଡିଥିବା ବେଳେ ବାଙ୍ଗୋର ଓଏମ୍‌ସି କ୍ରୋମାଇଟ ଖଣି କାର୍ଯ୍ୟ କରୁଥିଲେ ମଧ୍ୟ ନିଯୁକ୍ତି ସୁଯୋଗ ମିଳୁନାହିଁ। ଯାହାକି କାର୍ଯ୍ୟ ଅନ୍ୱେଷଣରେ ସ୍ଥାନୀୟ ଯୁବକ ଓ ଆଦିବାସୀ ଲୋକମାନେ ରାଜ୍ୟ ବାହାରକୁ ଦାଦନ ଖଟିବାକୁ ବାଧ ହେଉଛନ୍ତି। ବନ୍ଦ ଥିବା ବଉଳା ଓ ଇମ୍ପା କ୍ରୋମାଇଟ ମାଇନ୍ସକୁ ଖୋଲାଗଲେ ନିଯୁକ୍ତି ସୃଷ୍ଟି ହୋଇପାରନ୍ତା ବୋଲି ପୁର୍ବତନ ସରପଞ୍ଚ ବିବେକାନନ୍ଦ ରାଉତ ଦାବି ଜଣାଇଛନ୍ତି।



## ନିମ୍ନମାନର ରାସ୍ତାକାମକୁ ଯୁବଗୋଷ୍ଠୀଙ୍କ ବିରୋଧ

**ହାଟଡ଼ିହୀ,୧।୩(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ଜଳସମ୍ପଦ ବିଭାଗ କାର୍ଯ୍ୟାଳୟ ଅଧୀନ ଟୁକୁଣା ଠାରୁ ଛେନାପଦି ଜିରୋ ଯାଏଁ ନିର୍ମାଣଧୀନ କେନାଲ ରାସ୍ତାରେ ବର୍ତ୍ତମାନ କାର୍ଯ୍ୟକାରୀ ହେଉଥିବା ବିରିଡ଼ି ପିଚୁ ରାସ୍ତା ଠାରୁ ସୁଲଣ ଯାଏଁ ରାସ୍ତାକାମ ନିମ୍ନମାନର ହେଉଥିବା ନେଇ ସ୍ଥାନୀୟ ଅଞ୍ଚଳର କିଛି ଯୁବଗୋଷ୍ଠୀ ଏହାକୁ ବିରୋଧ କରି ଆଜି ପୂର୍ବାହ୍ନରେ ହୋ ହାଲ୍ଲା କରିଥିଲେ। ଜନୈକ ଠିକାଦାର ରାସ୍ତାର ମେଣ୍ଟାଲ ସ୍ତରର କାର୍ଯ୍ୟ ଦାୟିତ୍ୱ ଜଣେ ଶ୍ରମିକ ଠିକାଦାରକୁ ହସ୍ତାନ୍ତର କରିଥିବାରୁ ଏହା ନିମ୍ନମାନର ହେଉଥିବା ନେଇ କାର୍ଯ୍ୟସ୍ଥଳୀରେ ଅସନ୍ତୋଷପୂର୍ଣ୍ଣ ପରିସ୍ଥିତି ଉପୁଜିଥିଲା। ସୁଲଣ ସରପଞ୍ଚଙ୍କ ପ୍ରତିନିଧି ମଧ୍ୟ ଏହାକୁ ବିରୋଧ କରିଥିଲେ। କର୍ଯ୍ୟସ୍ଥଳୀରେ ଠିକାଦାର, ପ୍ରକଳ୍ପ କନିଷ୍ଠଯନ୍ତ୍ରୀଙ୍କ ସହ ଯୁବଗୋଷ୍ଠୀ ଏବଂ ସରପଞ୍ଚଙ୍କ ପ୍ରତିନିଧି ଆପସ ବୁଝାମଣା ହେବା ପରେ ପୁର୍ବରୁ ହୋଇଯାଇଥିବା ନିମ୍ନମାନର କାର୍ଯ୍ୟକୁ ସଠିକ୍ ରୂପେ ତ୍ୱରାନ୍ୱିତ କରିବା ସହ ଆଗାମୀ ଦିନରେ ହେବାକୁ ଥିବା କାର୍ଯ୍ୟର ମାନ ପ୍ରତି ଯତ୍ନବାନ୍ ହେବାକୁ କନିଷ୍ଠଯନ୍ତ୍ରୀ ଏବଂ ଠିକାଦାର ପ୍ରତିଶ୍ରୁତି ଦେଇଥିଲେ। ଆଗକୁ ହେଉଥିବା କାର୍ଯ୍ୟ ନିମ୍ନମାନର ହେଲେ କାର୍ଯ୍ୟ ସମ୍ପୂର୍ଣ୍ଣ ରୂପେ ବନ୍ଦ୍ କରିଦିଆଯିବ ବୋଲି ଯୁବଗୋଷ୍ଠୀ କଡ଼ା ଚେତାବନୀ ଦେଇଛନ୍ତି।



## ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫର୍ମରରେ ଲାଗିଲା ସୁରକ୍ଷାବାଡ଼




**ହାଟଡ଼ିହୀ,୧।୩(ସମିସ):** କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକ ସୁଲଣ ପଞ୍ଚାୟତ ଜଳସରପୁର ଗ୍ରାମର ରାସ୍ତାକଡ଼ରେ ଥିବା ତାରିଣୀ ପୀଠ ନିକଟକୁ ସଂଲଗ୍ନ ହୋଇ ଏକ ମୁକୁଳା ବିଦ୍ୟୁତ୍ ଟ୍ରାନ୍ସଫରମର ଦୀର୍ଘଦିନ ଧରି ରହିଥିଲା। ଯାହାକି, ସ୍ଥାନୀୟ ଲୋକଙ୍କ ପାଇଁ ବିଭିନ୍ନ ସମୟରେ ବିପଦ ଆଶଙ୍କା ବୃଦ୍ଧି ପାଉଥିଲା। ଏହାକୁ ନେଇ 'ସକାଳ' ଖବର ପ୍ରସାରଣ କରିବା ପରେ ବିଦ୍ୟୁତ୍ ବିଭାଗ ଏହା ଉପରେ ତୁରନ୍ତ ଦୃଷ୍ଟି ଆକର୍ଷଣ କରି ଏଥିରେ ପକ୍କା ସୁରକ୍ଷାବାଡ଼ ନିର୍ମାଣ କରିଥିବା ଦେଖାଯାଇଛି। ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟଙ୍କ ସହ ଜନପ୍ରତିନିଧି ଏବଂ ଗ୍ରାମବାସୀ 'ସକାଳ'କୁ ଧନ୍ୟବାଦ୍ ଜଣାଇଛନ୍ତି।

## ଜିଲ୍ଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ

**କେନ୍ଦୁଝର, ୧।୩ (ସମିସ):** କେନ୍ଦୁଝର ସହର ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଗୋବିନ୍ଦପୁରଠାରେ କେନ୍ଦୁଝର ଜିଲ୍ଲାସ୍ତରୀୟ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଗୌରୀରାଣୀ ନାଏକ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ପରମେଶ୍ୱର ମହାନ୍ତ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରବନ୍ଧ, ବକ୍ତୃତା, ଚିତ୍ରାଙ୍କନ ଓ ବିଜ୍ଞାନ ପ୍ରକଳ୍ପ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶୈକ୍ଷିକ ସଂଯୋଜକ ମାନସ ରଞ୍ଜନ ଦାଶ ଯୋଗଦେଇ ବିଜ୍ଞାନ ସମ୍ବଳିତ ପ୍ରକଳ୍ପ ସମସ୍ତ ପିଲା ପ୍ରସ୍ତୁତ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଏବିଇଓ ତଥା ବିଆର୍‌ସିସି ସଦର ବ୍ଲକ ମାନସ କୁମାର ମିଶ୍ର ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ତିଲୋତ୍ତମା ସାହୁ ସଭାପତିତ୍ୱ କରିଥିବାବେଳେ ଶିକ୍ଷକ ବିଜୟ କୁମାର ମିଶ୍ର ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ସିଆର୍‌ସିସି ବସନ୍ତ କୁମାର ପରିଡା ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ଉମାଶଙ୍କର ମିଶ୍ର, ଶିକ୍ଷୟିତ୍ରୀ ଅହଲ୍ୟା ମହାନ୍ତ, ହିମାଦ୍ରି ପତି, ସୁସ୍ମିତା ପ୍ରିୟମ୍ବଦା ରାଉତ, ସ୍ୱର୍ଣ୍ଣଲତା ନାୟକ, ରଞ୍ଜିତାରାଣୀ ମଲ୍ଲିକ, ଶୁଭଶ୍ରୀ ରାଉତ ପ୍ରମୁଖ ସହଯୋଗ କରିଥିଲେ।

## ଝୁଲନ୍ତା ମୃତଦେହ ଉଦ୍ଧାର

**ବେଲବାହାଲି/ରାମଚନ୍ଦ୍ରପୁର,୧।୩(ସମିସ):** କେନ୍ଦୁଝର ଜିଲ୍ଲା ରାମଚନ୍ଦ୍ରପୁର ଥାନା ସିଆପଡ଼ା ଓ ବେଲବାହାଲି ପୁରୁଣା କୁସେଇ ସେତୁ ନିକଟରେ ଥିବା ଝଟିଆ ଜଙ୍ଗଲ ଭିତରେ କେହି ଜଣେ ଅଜଣା ବ୍ୟକ୍ତି ରଶି ଲଗାଇ ମୃତ୍ୟୁବରଣ କରିଥିବା ଦେଖିବାକୁ ମିଳିଛି। ମୃତ ଦେହଟି ଗଛରେ ଝୁଲୁଥିବାର ସ୍ଥାନୀୟ ଗ୍ରାମବାସୀ ଦେଖି ରାମଚନ୍ଦ୍ରପୁର ଥାନାକୁ ଖବର ଦେଇଥିଲେ। ଏହି ବ୍ୟକ୍ତି ଜଣକ ପୂର୍ବରୁ ମୃତ୍ୟୁବରଣ କରିଥିବା ଅନୁମାନ କରାଯାଉଛି। ଲୋକମାନେ ପ୍ରଥମେ ରାମଚନ୍ଦ୍ରପୁର ଥାନା ସାଇଁକୁଳ ଫାଣ୍ଡି ପୁଲିସକୁ ଖବର ଦେଇଥିଲେ। ସାଇଁକୁଳ ଫାଣ୍ଡି ଅଧିକାରୀ ସୁରେଶ କୁମାର ମାଝୀ ଘଟଣାସ୍ଥଳରେ ପହଞ୍ଚି ଗଳିତ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ପଠାଇଥିବା ବେଳେ ଘଟଣାର ବିଭିନ୍ନ ଦିଗକୁ ଲକ୍ଷ୍ୟ କରି ତଦନ୍ତ ଆରମ୍ଭ କରିଛନ୍ତି। କେଉଁ ପରିସ୍ଥିତିରେ ଏଭଳି ଏକ ନିର୍ଜନ ସ୍ଥାନରେ ଯୁବକଙ୍କ ଗଳିତ ମୃତଦେହ ଆସିଲା ଏହାକୁ ନେଇ ସନ୍ଦେହ ବଢିଛି। ଏହା ହତ୍ୟା ନା ଆତ୍ମହତ୍ୟା; ଏହାକୁ ନେଇ ସ୍ଥାନୀୟ ଲୋକଙ୍କ ମନରେ ସନ୍ଦେହ ବଢିଛି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଗଳିତ ମୃତଦେହର ପରିଚୟ ମିଳିପାରି ନଥିବା ଫାଣ୍ଡି ଅଧିକାରୀ ପ୍ରକାଶ କରିଛନ୍ତି। ୫/୨୪ରେ ଏକ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ କରାଯାଉଛି।

## ରଶି ଲଗାଇ ଡାକ କର୍ମଚାରୀଙ୍କ ଆତ୍ମହତ୍ୟା

**ତେଲକୋଇ,୧।୩(ସମିସ):** ତେଲକୋଇ ଥାନା ଓରିଆ ଗ୍ରାମପଞ୍ଚାୟତ ସଦର ମହକୁମା ଓରିଆ ଗ୍ରାମ ଡାକ କାର୍ଯ୍ୟାଳୟର କର୍ମଚାରୀ ଆତ୍ମହତ୍ୟା କରିଥିବା ଜଣା ପଡ଼ିଛି। ମୃତକ ହେଲେ ଚନ୍ଦ୍ରଭାନୁ ସେଠୀଙ୍କ ପୁଅ ମଳୟ ସେଠୀ (୪୫)। ପାରିବାରିକ କଳହ ଯୋଗୁଁ ସେ ଆତ୍ମହତ୍ୟା କରିଥିବା କୁହାଯାଉଛି। ଘର ପାଖ ଏକ ପିଜୁଳି ଗଛରୁ ତାଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯିବା ପରେ ସଙ୍ଗେସଙ୍ଗେ ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ ତେଲକୋଇ ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହକୁ ଜବତ କରିଥିଲା। ଘଟଣାକୁ ନେଇ ଏକ ମାମଲା ରୁଜୁ କରିବା ସହିତ ଘଟଣାର ତଦନ୍ତ ଆରମ୍ଭ କରିଛି।

## ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

**ଆନନ୍ଦପୁର, ୧।୩ (ସମିସ):** ସ୍ଥାନୀୟ ବଳରାମପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ସନାତନ ଆଚାର୍ଯ୍ୟ (୮୪)ଙ୍କ ପରଲୋକ ହୋଇଯାଇଛି। ଆଜକୁ କିଛି ଦିନ ହେବ ବାର୍ଦ୍ଧକ୍ୟଜନୀତ ଅସୁସ୍ଥ ହୋଇ ଘରେ ଚିକିତ୍ସିତ ହେଉଥିଲେ। ଆଜି ଦିନ ୨ ଘଟିକା ସମୟରେ ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବା ପରେ ହୃଦଘାତରେ ତାଙ୍କର ପରଲୋକ ହୋଇଯାଇଛି। ମୃତ୍ୟୁ ସମୟରେ ପତ୍ନୀ ପୁଅ ପ୍ରଫୁଲ , ଦିଲୀପ ଏବଂ ଝିଅ ଭାରତୀ ଓ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଖବର ପାଇ ଆଖପାଖରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ତଥା ବିଜେଡି ନେତା ଅକ୍ଷୟ ବିଶ୍ୱାଳ, ବିଜେପି ନେତା ଭଗବାନ ସାହୁ, ଡ. ଶମ୍ଭୁନାଥ ରାଉତ, ଯଜ୍ଞପ୍ରସାଦ ସାହୁ, ପୃଥ୍ୱୀରାଜ କୁଅଁର, ଲୁଲୁ ଆଚାର୍ଯ୍ୟ, ମୀନା ବିଶ୍ୱାଳ, ମାନସ ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ରହି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

## ଶିଶୁ ବିଦ୍ୟାମନ୍ଦିରରେ ଜାତୀୟ ବିଜ୍ଞାନ ଦିବସ

କେନ୍ଦୁଝର,୧।୩ (ସମିସ): ସ୍ଥାନୀୟ କଲେଜ ରୋଡ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ବଣିଆପାଟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ କେନ୍ଦୁଝର କୃଷି ବୈଷୟିକ ପରିଚାଳକ ଶିବ ଶଙ୍କର ମିଶ୍ର ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ବିଜ୍ଞାନ ପ୍ରଶ୍ନ ମଞ୍ଚ, ବିଜ୍ଞାନ କବିତା ଆବୃତ୍ତି, ବିଜ୍ଞାନ ସମ୍ବନ୍ଧୀୟ ପତ୍ର ପତ୍ରିକାରୁ ତଥ୍ୟ ସଂଗ୍ରହ, ବୈଜ୍ଞାନିକଙ୍କ ଫଟୋଚିତ୍ର ପ୍ରଦର୍ଶନୀ, ବକ୍ତୃତା, ଭିଡିଓରେକର୍ଡିଂ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ବିଜ୍ଞାନ ପ୍ରଶ୍ନ ମଞ୍ଚରେ ୧୨୭ ଜଣ, ସ୍ୱଳ୍ପ ମୂଲ୍ୟର ବିଜ୍ଞାନ ଉପକରଣ ପ୍ରସ୍ତୁତିରେ ୨୮ ଜଣ, ବୈଜ୍ଞାନିକଙ୍କ ଫଟୋଚିତ୍ର ପ୍ରଦର୍ଶନୀରେ ୩୨ ଜଣ, ବିଜ୍ଞାନକୁଇଜ୍‌ରେ ୩୭ ଜଣ, ପତ୍ର ପତ୍ରିକାରୁ ବିଜ୍ଞାନ ସମ୍ବନ୍ଧୀୟ ତଥ୍ୟ ସଂଗ୍ରହରେ ୩୩ ଜଣ, ଭିଡିଓ ରେକର୍ଡିଂରେ ୪ଜଣ ଏହିପରି ମୋଟ ୨୬୧ ଜଣ ଶିଶୁ ଭାଇ-ଭଉଣୀ ଅଂଶଗ୍ରହଣ କରିଥିଲେ। କୃତି ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ବିଦ୍ୟାଳୟର ପ୍ରଧାନ ଆଚାର୍ଯ୍ୟ ଦୁଃଶାସନ ମହାନ୍ତ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବା ବେଳେ ବିଜ୍ଞାନ ପ୍ରମୁଖ ବିଦ୍ୟାଧର ମହାନ୍ତ ଜାତୀୟ ବିଜ୍ଞାନ ଦିବସର ବୃତ୍ତକଥନ କରିଥିଲେ। ବିଦ୍ୟାଳୟର ସମସ୍ତ ଗୁରୁଜୀ ଗୁରୁମା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିବାବେଳେ ଶେଷରେ ଗୁରୁଜୀ ଧିରେନ୍ଦ୍ର କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।

## ଶିକ୍ଷକଙ୍କୁ ବିଦାୟୀ ସମ୍ବର୍ଦ୍ଧନା



**ରାମଚନ୍ଦ୍ରପୁର,୧।୩(ସମିସ):** ଘସିପୁରା ବ୍ଲକ ଅନ୍ତର୍ଗତ ପୁରୁଣାବାନ୍ଧଗୋଡା ସ୍ଥିତ ବଳରାମଧୀର ନୋଡାଲ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ବଳଭଦ୍ର ବେହେରାଙ୍କୁ ବିଦ୍ୟାଳୟ ଓ ଗ୍ରାମବାସୀଙ୍କ ପକ୍ଷରୁ ମିଳିତ ଭାବେ ବିଦ୍ୟାଳୟ ପରିସରରେ ଅବସର କାଳୀନ ବିଦାୟୀ ସମ୍ବର୍ଦ୍ଧନା ଦିଆଯାଇଛି। ବିଦାୟୀ ଶିକ୍ଷକ ଶ୍ରୀ ବେହେରା ଦୀର୍ଘ ୨୨ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ବିଜ୍ଞାନ ଶିକ୍ଷକ ଭାବେ ନିଜର ଦାୟିତ୍ୱ ସମ୍ପାଦନ କରିଥିଲେ। ସହକର୍ମୀଙ୍କ ପକ୍ଷରୁ ଉତ୍ତୋରୀୟ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧନା ଦିଆଯିବା ପରେ ଶ୍ରୀ ବେହେରା ଛାତ୍ରଛାତ୍ରୀ ଏବଂ ସହକର୍ମିଙ୍କ ଉଦ୍ଦେଶ୍ୟରେ ନିଜର ଅଭିଭାଷଣ ରଖିଥିଲେ। ପରେ ଗ୍ରାମବାସୀଙ୍କ ପକ୍ଷରୁ ଏକ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇ ତାଙ୍କ ପୈତୃକ ଗାଁ ତିଗିରିଆରେ ଛାଡିଥିଲେ।

## ବିଭିନ୍ନ ସ୍ଥାନରେ ଆମ ବ୍ୟାଙ୍କ୍ ସେବା ଉଦ୍‌ଘାଟିତ



**ସୋସୋ,୧।୩(ସମିସ):** କେନ୍ଦୁଝର ଜିଲା ହାଟଡିହି ବ୍ଲକର ଇଞ୍ଜୋଳ, ବଡରମ୍ପାସ, ଅକାରୁଆ, ସମଣା, ଡଅଁର, ଜମ୍ବିରା, ପନ୍ଦାଡ଼ୋ, ହଦଗଡ଼ ଆଦି ସ୍ଥାନରେ ଆମ ବ୍ୟାଙ୍କ ସେବା କେନ୍ଦ୍ର ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଇଞ୍ଜୋଳ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ସରପଞ୍ଚ ସସ୍ମିତା ମହାପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଆମ ବ୍ୟାଙ୍କ ସେବା କେନ୍ଦ୍ରକୁ ଉଦ୍‌ଘାଟନ କରିଥିଲେ। ବିଜେଡି ନେତା ଅଭିମନ୍ୟୁ ସେଠୀ, ପୂର୍ବତନ ନାଏବ ସରପଞ୍ଚ ବିଜୟ ମହାପାତ୍ର, ଜିଆର୍‌ଏସ୍ ଶ୍ରୀମନ୍ତ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବଡରମ୍ପାସରେ ସରପଞ୍ଚ ରବୀନ୍ଦ୍ର କୁମାର ଜେନାଙ୍କ ସଂଯୋଜନାରେ ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ, ବ୍ଲକ ବିଜେଡି ସଭାପତି ସୁରେନ୍ଦ୍ର ଜେନା, ସମାଜସେବୀ ଅଭିମନ୍ୟୁ ସେଠୀ, ସମିତିସଭ୍ୟ ବାବନ ସେଠୀ, ପିଇଓ ମଧୁସ୍ମିତା ମହାନ୍ତି, ନାରାୟଣ ବେହେରା ପ୍ରମୁଖ ଉପସ୍ଥିତ ରହିଥିଲେ। ସମଣାରେ ସରପଞ୍ଚ ଜଗବନ୍ଧୁ କାଣ୍ଡିଙ୍କ ସଂଯୋଜନାରେ ଜିଲ୍ଲା ପରିଷଦ ସଭ୍ୟ ବିମ୍ବାଧର ବିଶ୍ୱାଳ, ଡଅଁରରେ ବ୍ଲକ ଉପାଧ୍ୟକ୍ଷ ରତିକାନ୍ତ ରାଉତ, ସରପଞ୍ଚ, ପିଇଓ ଏବଂ ସନ୍ତୋଷ କୁମାର ପରିଡା, ପାନ୍ଦାଡୋରେ ବିଡିଓ ସୌମ୍ୟଶ୍ରୀ ପାଣିଗ୍ରାହୀ, ଅକାରୁଆରେ ଜିଲ୍ଲା ପରିଷଦ ସଭ୍ୟା କୌଶଲ୍ୟା ସେଠୀ, ହଦଗଡରେ ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଜମ୍ବିରାରେ ଜିଲ୍ଲାପରିଷଦ ସଦସ୍ୟା ସୁକାନ୍ତି ଜେନା ପ୍ରମୁଖ ଅତିଥି ଭାବେ ଯୋଗଦେଇ ଆମ ବ୍ୟାଙ୍କ ସେବାକୁ ଉଦ୍‌ଘାଟନ କରିଥିଲେ।

## ବନାଗ୍ନି ନିୟନ୍ତ୍ରଣ ଓ ନିରାକରଣ କାର୍ଯ୍ୟକ୍ରମ

ଚମ୍ପୁଆ,୧।୩(ସମିସ)




କେନ୍ଦୁଝର ଜିଲ୍ଲା ବନଖଣ୍ଡ ତରଫରୁ ଚମ୍ପୁଆ ବନାଞ୍ଚଳ ଅଧୀନରେ ଥିବା ୫ଟି ସେକ୍ସନ ଓ ୧୫ଟି ବନ ସୁରକ୍ଷା ସମିତିର ସଦସ୍ୟଙ୍କୁ ନେଇ ଆଜି ସ୍ଥାନୀୟ ଧରଣୀଧର ନଗର ଭବନ ଠାରେ ବନାଞ୍ଚଳ ସ୍ତରୀୟ ବନାଗ୍ନି ନିରାକରଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଯୋଜନାର ମୂଳ ଉଦ୍ଦେଶ୍ୟ ହେଉଛି ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା, ପ୍ଲାଣ୍ଟ ଷ୍ଟେସନ ମଧ୍ୟରେ ନିଆଁ ନ ଲଗାଇବା, ନିଆଁ ଲାଗିବା ଦ୍ୱାରା ଛୋଟ ଛୋଟ ଔଷଧୀୟ ଗୁଳ୍ମ ଓ ଗଛ ପୋଡ଼ି ନଷ୍ଟ ହେବା, ବନ୍ୟଜନ୍ତୁ ପୋଡ଼ି ପାଉଁଶ ହେବା, ଜଙ୍ଗଲ ପୋଡ଼ି କ୍ଷୟ ହେବା ଦ୍ୱାରା ଅତ୍ୟଧିକ ଗରମ ହେବା, ଜଳବାୟୁ ପରିବର୍ତ୍ତନ ହେବା ଆଦି ଉପରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଚମ୍ପୁଆ ବନାଞ୍ଚଳ ଅଧିକାରୀ ଏସିଏଫ୍ ଅକ୍ଷୟ ଛତ୍ରିଆ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଅତିରିକ୍ତ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ, ସମ୍ମାନିତ ଅତିଥି ଭାବେ ରଜିଆ ସରପଞ୍ଚ ସନ୍ତୋଷ ନାଏକ, ସୁନାପଶି ସରପଞ୍ଚ ସଞ୍ଜିତା ଚାତାର, କୋଦଗାଡିଆ ସରପଞ୍ଚ ମଞ୍ଜୁଲତା ନାଏକ, ଜଆମଉଦଳକ ସରପଞ୍ଚ ଅଞ୍ଜନ ଓରାମ, କରଞ୍ଜିଆ ସରପଞ୍ଚ ସୁପ୍ରିୟା ମୁଣ୍ଡା, ରଙ୍ଗାମାଟିଆ ସରପଞ୍ଚ ମାଧୁରୀ ନାଏକ ଏବଂ ମାଷ୍ଟର ଟ୍ରେନର ଭାବେ ସୁବ୍ରତ ବିଶ୍ୱାଳ ପ୍ରମୁଖ ଯୋଗଦେଇଥିଲେ। ରଜିଆ ସରପଞ୍ଚ ସନ୍ତୋଷ ନାଏକ ବନାଗ୍ନି ଆଇନକୁ କଠୋର କରିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଫରେଷ୍ଟର ପ୍ରମୋଦ ବେହେରା ବନାଗ୍ନି ଅଭିଯୁକ୍ତଙ୍କ ପାଇଁ ୭ବର୍ଷ କାରାବରଣ ଓ ବନାଗ୍ନି ନିୟନ୍ତ୍ରଣ କରୁଥିବା, ଗଜସାଥୀ, ଭିଏସ୍‌ଏସ, ସ୍ୱୟଂ ସହାୟକ ଗୋଷ୍ଠୀ ଗ୍ରାମବାସୀଙ୍କୁ ୫ହଜାର ଟଙ୍କାର ପୁରସ୍କାର ରାଶିର ବ୍ୟବସ୍ଥା ଥିବା ସୂଚନା ଦେଇଥିଲେ। ଆଜିର ଏହି କାର୍ଯ୍ୟକ୍ରମରେ ଗଜସାଥୀ, ଗ୍ରାମ୍ୟ ଜଙ୍ଗଲ ସୁରକ୍ଷା ସମିତିର ସଦସ୍ୟ ଓ ଜନସାଧାରଣ ଉପସ୍ଥିତ ରହିଥିଲେ। ଆଜିର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଫରେଷ୍ଟର ପ୍ରମୋଦ ବେହେରା। ଫରେଷ୍ଟର ନଗେନ୍ଦ୍ର ଜେନା, ତ୍ରିନାଥ ଜେନା, ବୁଲୁ ନାହାକ, ସୁନିତା ବାଘେଲ, ଜ୍ୟୋତିରୂପା ପାଣି, କୁନ୍ତଳା ମହାନ୍ତ ଓ ବନରକ୍ଷୀ ସାଗରିକା ବେଜ, ସନ୍ଦୀପ ସାହୁ, ଶ୍ରାବଣୀ ମହାନ୍ତ, ଓ ନିଲମ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ଗଛକଟାକୁ ବିରୋଧ କରିବାରୁ ଫରେଷ୍ଟ ଗାର୍ଡଙ୍କୁ ଆକ୍ରମଣ



ବାରିପଦା, ୧।୩(ସମିସ): ସଂରକ୍ଷିତ ଜଙ୍ଗଲରୁ ଗଛ କାଟିବାକୁ ବିରୋଧ କରିବାରୁ ଜଣେ ଫରେଷ୍ଟ ଗାର୍ଡଙ୍କୁ ସ୍ଥାନୀୟ ଗ୍ରାମବାସୀ ଆକ୍ରମଣ କରିଛନ୍ତି। ଏପରି ଅଭାବନୀୟ ଘଟଣା ବାରିପଦା ବନଖଣ୍ଡ ଅନ୍ତର୍ଗତ ବାଙ୍ଗିରିପୋଷି ବନାଞ୍ଚଳ ଅଞ୍ଚଳର ଯୋକା ବିଟ ଅଞ୍ଚଳରେ ଘଟିଛି। ଗୁରୁବାର ଯୋକା ବିଟରେ ଥିବା ଶାଳବଣରେ କିଛି ଲୋକ ଗଛ କାଟୁଥିବା ବନ ବିଭାଗକୁ ଖବର ମିଳିଥିଲା। ପରେ ଘଟଣାସ୍ଥଳରେ ବନ କର୍ମଚାରୀ ପହଞ୍ଚିଥିଲେ। ବନ କର୍ମଚାରୀ ବୁଧୁରାମ ସିଂ ଜଙ୍ଗଲରୁ ଶାଳ ଗଛ କାଟୁଥିବା ଲୋକଙ୍କୁ ମନା କରିବା ସହ ପ୍ରତିବାଦ କରିଥିଲେ। ଏ ନେଇ ଉଭୟଙ୍କ ମଧ୍ୟରେ ବହୁ ସମୟ ଧରି ବଚସା ହୋଇଥିଲା। ପରେ ବଚସା ଉଗ୍ର ରୂପ ଧାରଣ କରିବାରୁ ସ୍ଥାନୀୟ ଲୋକେ ଉତ୍ତ୍ୟକ୍ତ ହୋଇ ଫରେଷ୍ଟ ଗାର୍ଡ ବୁଧିରାମ ସିଂଙ୍କୁ ଆକ୍ରମଣ କରିଥିଲେ। ତେବେ ଏହି ଘଟଣାକୁ ନେଇ ଥାନାରେ କୌଣସି ଅଭିଯୋଗ ହୋଇନଥିବା ଜଣାପଡ଼ିଛି। ଅନ୍ୟପକ୍ଷେ ଘଟଣା ବାବଦରେ ତଦନ୍ତ କରି ବାଙ୍ଗିରିପୋଷି ଥାନାରେ ଅଭିଯୋଗ କରାଯିବ ବୋଲି ବାଙ୍ଗିରିପୋଷି ରେଞ୍ଜ ଅଧିକାରୀ କହିଛନ୍ତି। ଏହି ଘଟଣାର ଏକ ଭିଡ଼ିଓ ମୋବାଇଲରେ ଉତ୍ତୋଳନ ହୋଇଥିବା ବେଳେ ଗୁରୁବାରଠାରୁ ତାହା ଭାଇରାଲ ହେବାରେ ଲାଗିଛି।

● ନର୍ସରୀ ବିକାଶ ପାଇଁ ପାଇଲଟ୍ ଯୋଜନାର ଶୁଭାରମ୍ଭ

## ୪ ଜିଲ୍ଲାର ମନୋନୀତ ହିତାଧିକାରୀଙ୍କୁ ଦିଆଯିବ ତାଲିମ

ବାରିପଦା, ୧।୩(ସମିସ): ଶାମାଖୁଣ୍ଟା ସ୍ଥିତ ମୟୂରଭଞ୍ଜ କୃଷି ବିଜ୍ଞାନ କେନ୍ଦ୍ର-୧ରେ ଆୟୋଜିତ ଏକ ସମାରୋହରେ ମୟୁରଭଞ୍ଜ ଜିଲ୍ଲାରେ ଏକ ଏକର ନର୍ସରୀ ବିକାଶ ପାଇଁ ପାଇଲଟ୍ ଯୋଜନାର ଶୁଭାରମ୍ଭ ହୋଇଛି। ନାବାର୍ଡ, ଓଡ଼ିଶା ଆଞ୍ଚଳିକ କାର୍ଯ୍ୟାଳୟ, କେନ୍ଦ୍ରୀୟ ଉଦ୍ୟାନ ପରୀକ୍ଷଣ କେନ୍ଦ୍ର ଓ କୃଷି ବିଜ୍ଞାନ କେନ୍ଦ୍ର ମୟୂରଭଞ୍ଜ-୧, ଶ୍ୟାମାଖୁଣ୍ଟା ମିଳିତ ଆନୁକୂଲ୍ୟରେ ଶୁଭାରମ୍ଭ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନାବାର୍ଡ, ଓଡ଼ିଶାର ମୁଖ୍ୟ ମହାପ୍ରବନ୍ଧକ ଡ. ସୁଧାଂଶୁ କେ.କେ ମିଶ୍ର ଅଧ୍ୟକ୍ଷତା କରିଥିଲେ। ବୈଠକରେ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ବରିଷ୍ଠ ଅଧିକାରୀ, କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ର (ସିଇଏସ୍, ଆଇଆଇଏଚଆର-ଆଇସିଏଆର୍) ଭୁବନେଶ୍ୱରର ନିର୍ଦ୍ଦେଶକଙ୍କ



ସମେତ ଅନ୍ୟ ବୈଜ୍ଞାନିକ, ଏଲଡିଏମ୍ ମୟୂରଭଞ୍ଜ, ଓଡ଼ିଶା ସରକାରଙ୍କ ସହକାରୀ ନିର୍ଦ୍ଦେଶକ ବୟନଶିଳ୍ପ, ଓଡ଼ିଶା ସରକାରଙ୍କ ରେଶମ କୃଷିର ସହକାରୀ ନିର୍ଦ୍ଦେଶକ, କୃଷି ବିଜ୍ଞାନ କେନ୍ଦ୍ର, ଶ୍ୟାମାଖୁଣ୍ଟାର ମୁଖ୍ୟ ଓ ପ୍ରମୁଖ ବୈଜ୍ଞାନିକ ଡଃ ସଂଘମିତ୍ରା ପଟ୍ଟନାୟକ ପରିଚାଳନା କରିଥିଲେ। ଏଥିରେ ୨୫ ଜଣ ଚାଷୀ ଯୋଗ ଦେଇଥିଲେ। ଡ. ବି.ବି ସାହୁ, ମହାପ୍ରବନ୍ଧକ, କମଳକାନ୍ତ ପଟ୍ଟନାୟକ, ଉପ ମହାପ୍ରବନ୍ଧକ ରବୀନ୍ଦ୍ର ହାଁସଦା, ସହାୟକ ମହାପ୍ରବନ୍ଧକ ଓ ସ୍ମୃତିରଞ୍ଜନ ପଟ୍ଟନାୟକ, ଡିଡିଏମ୍ ମୟୂରଭଞ୍ଜ ପ୍ରମୁଖ ଟିଡିଏଫ ଓ ଜଳସେଚନ କାର୍ଯ୍ୟକ୍ରମ ଅଧୀନରେ ନାବାର୍ଡର ଆବଶ୍ୟକତା ପୂରଣ କରିବା ସହିତ ଓଡ଼ିଶାର କୃଷକମାନଙ୍କୁ ଗୁଣାତ୍ମକ ବୃକ୍ଷରୋପଣ ସାମଗ୍ରୀ ଯୋଗାଣ ପାଇଁ ନର୍ସରୀର ବୈଜ୍ଞାନିକ ପରିଚାଳନା ଏହି ଯୋଜନାରେ ଅନ୍ତର୍ଭୁକ୍ତ। ଚୟନ ହୋଇଥିବା ହିତାଧିକାରୀଙ୍କୁ ମୟୂରଭଞ୍ଜ, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ଢେଙ୍କାନାଳରେ କୃଷି ବିଜ୍ଞାନ କେନ୍ଦ୍ର, କେନ୍ଦ୍ରୀୟ ଉଦ୍ୟାନ କୃଷି ପରୀକ୍ଷଣ କେନ୍ଦ୍ର ସହଯୋଗରେ ପକ୍ଷରୁ ପ୍ରଶିକ୍ଷଣ ଦିଆଯିବ। ଏହି ଅବସରରେ ନାବାର୍ଡ ଦ୍ୱାରା ପ୍ରସ୍ତୁତ ଏବଂ ଏପିକୋଲ ଦ୍ୱାରା ବୈଷୟିକ ଭାବେ ଯାଞ୍ଚ କରାଯାଇଥିବା ଯୋଜନା ଦସ୍ତାବିଜ ଉନ୍ମୋଚନ କରାଯାଇଥିଲା।

## ‘ଜାଗା’ ମିଶନରେ ହିତାଧିକାରୀଙ୍କୁ ଜମି ପଟ୍ଟା ପ୍ରଦାନ



ବାରିପଦା, ୧।୩(ସମିସ): ବାରିପଦା ପୌରପାଳିକା ୱାର୍ଡ ନମ୍ବର ୨୫ ଅଞ୍ଚଳରେ ୨୭ ଜଣ ଯୋଗ୍ୟ ହିତାଧକାରୀଙ୍କୁ ରାଜ୍ୟ ସରକାରଙ୍କ ଜାଗା ମିଶନ ଯୋଜନାରେ ଭୂମି ଅଧିକାର ପ୍ରମାଣପତ୍ର ପ୍ରଦାନ କରାଯାଇଛି। ସ୍ଥାନୀୟ ୱାର୍ଡ କାଉନସିଲର ଦେବାଶିଷ ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାରିପଦା କାର୍ଯ୍ୟନିର୍ବାହୀ ଅଧିକାରୀ ଡ. ମଧୁସ୍ମିତା ସାମନ୍ତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ଭୂମି ଅଧିକାର ପ୍ରମାଣ ପତ୍ର ପ୍ରଦାନ କରିଥିଲେ। ଭୂମିହୀନ ପରିବାରଙ୍କୁ ରାଜ୍ୟ ସରକାରଙ୍କ ଜାଗାମିଶନ ପ୍ରକ୍ରିୟାରେ ଜମି ପଟ୍ଟା ପ୍ରଦାନ କରୁଛନ୍ତି। ହିତାଧିକାରୀଙ୍କୁ ଜାଗା ମିଶନ ଯୋଜନାରେ ଉପକୃତ କରାଯାଇ ଥିବାରୁ ସମସ୍ତେ ଖୁସି ବ୍ୟକ୍ତ କରିଥିଲେ ଓ ଆଗାମୀ ଦିନରେ ଏହି କାର୍ଯ୍ୟ ଚାଲୁ ରହିବ। ଏହି କାର୍ଯ୍ୟକୁ ପୌରପାଳିକା କାର୍ଯ୍ୟାଳୟର କର୍ମଚାରୀ ପରିଚାଳନା କରିଥିଲେ।

ଶିକ୍ଷା ସହାୟିକା ବିନା ମଞ୍ଜୁରୀରେ ବିଦ୍ୟାଳୟକୁ ନ ଆସିବା ପ୍ରସଙ୍ଗ

# ଦରମା ଟଙ୍କା ଫେରସ୍ତ; ଚାକିରିରୁ ଶିକ୍ଷୟିତ୍ରୀ ବହିଷ୍କୃତ

ବାରିପଦା/ଶୁଳିଆପଦା, ୧।୩(ସମିସ): ଜିଲ୍ଲାପାଳଙ୍କଠାରୁ ଆରମ୍ଭ କରି ରାଜ୍ୟପାଳ ପର୍ଯ୍ୟନ୍ତ ସବୁଠି ଅଭିଯୋଗ ହୋଇଥିଲା। ବାରମ୍ବାର ଅଭିଯୋଗ କରି ଅଭିଯୋଗକାରୀମାନେ ଥକିପଡ଼ିଥିଲେ; ହେଲେ ଶିକ୍ଷୟିତ୍ରୀଙ୍କ ବେଆଇନ ଅନୁପସ୍ଥିତିକୁ ୫ବର୍ଷ ପୁରିବାକୁ ଯାଉଥିବାବେଳେ ଶେଷରେ ଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏଭଳି ଏକ ଘଟଣା ଶୁଳିଆପଦା ବ୍ଲକ ଅନ୍ତର୍ଗତ ବାଘଡା ନୋଡାଲ ବିଦ୍ୟାଳୟରେ ଦେଖିବାକୁ ମିଳିଛି। ବିଦ୍ୟାଳୟର ଶିକ୍ଷା ସହାୟିକା ତନୁଶ୍ରୀ ପାଲ ୨୦୧୯ ମସିହା ଜାନୁଆରୀ ୧୦ ତାରିଖରୁ ବିନା ଅନୁମତିରେ ବିଦ୍ୟାଳୟ ଆସୁ ନ ଥିଲେ। ଏଥିପାଇଁ ବିଦ୍ୟାଳୟର ତତ୍କାଳୀନ ପ୍ରଧାନ ଶିକ୍ଷୟିତ୍ରୀ ସୂର୍ଯ୍ୟମଣି ଧଳ ଶୁଳିଆପଦା ବିଇଓ ମାଳତୀ ଟୁଡୁଙ୍କୁ ଲିଖିତ ଭାବେ ଜଣାଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ଗୁଣାନିଧି ରଣା ଶିକ୍ଷା ବିଭାଗର ଅଧିକାରୀ ଏବଂ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଜଣାଇଥିଲେ। ବିଦ୍ୟାଳୟର ଶିକ୍ଷାଦାନ ଗୁରୁତର ଭାବେ ବାଧାପ୍ରାପ୍ତ ହେଉଥିବା ସେ ଶିକ୍ଷା ବିଭାଗର ଅଧିକାରୀମାନଙ୍କ ଦୃଷ୍ଟି ବାରମ୍ବାର ଆକର୍ଷଣ କରିଥିଲେ। ସେହିପରି ଜିଲ୍ଲା ପରିଷଦର ସପ୍ତମ ଷ୍ଟାଣ୍ଡିଂ କମିଟିର ତତ୍କାଳୀନ ଶିକ୍ଷା ବିଭାଗର ଅଧ୍ୟକ୍ଷ ଶିରିଶ ଚନ୍ଦ୍ର ମହାନ୍ତ ଜିଲ୍ଲାପାଳ, ତତ୍କାଳୀନ ୫-ଟି ସଚିବ ଓ ରାଜ୍ୟପାଳଙ୍କୁ ଲିଖିତ ଭାବେ ଉକ୍ତ ପ୍ରସଙ୍ଗକୁ ଜଣାଇଥିଲେ। ଏହା ସତ୍ତ୍ୱେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ଏପରିକି ତାଙ୍କୁ ବିନା ଛୁଟି ମଞ୍ଜୁରରେ କେତେ ମାସର ଦରମା ମଧ୍ୟ ପ୍ରଦାନ କରାଯାଇଥିଲା। ସୂଚନା ଅଧିକାରରେ ଏସବୁ ତଥ୍ୟ ମିଳିଲା ପରେ ବିଭିନ୍ନ ଗଣମାଧ୍ୟମରେ ବାରମ୍ବାର ଖବର ପ୍ରକାଶିତ ହୋଇଥିଲା। ଶେଷରେ ବିବାଦୀୟ ଶିକ୍ଷୟିତ୍ରୀଙ୍କୁ ଚାକିରିରୁ ବହିଷ୍କାର କରାଯାଇଛି। ତେବେ ଚିଠିରେ ବହିଷ୍କାର ତାରିଖ ଅକ୍ଟୋବର ଥିବାବେଳେ ଦରମା ଟଙ୍କା ଫେରସ୍ତ ଫେବୃଆରୀରେ ହୋଇଥିବା ଜଣାଯାଇଛି। ଅଧା ଘଣ୍ଟା କି ଏକ ଘଣ୍ଟା ବିଳମ୍ବରେ ବିଦ୍ୟାଳୟ ପହଞ୍ଚିଲେ ଯେଉଁଠି କାର୍ଯ୍ୟାନୁଷ୍ଠାନ ନିଆଯାଉଛି ସେଠାରେ ଜଣେ ଚୁକ୍ତିଭିତ୍ତିକ ଶିକ୍ଷାସହାୟକଙ୍କ ଚାକିରି ୫ବର୍ଷ ସୁରକ୍ଷିତ ରହିବା ପଛରେ କାହାର ହାତ ରହିଥିଲା, ପୁଣି କାହା ଇଙ୍ଗିତରେ ବିନା ଛୁଟି ମଞ୍ଜୁରରେ ଶିକ୍ଷୟିତ୍ରୀ ଜଣଙ୍କୁ ଦରମା ପ୍ରଦାନ କରାଯାଇଥିଲା ତାହା ତଦନ୍ତ ସାପେକ୍ଷ। ଜନୈକ ଶିକ୍ଷକ ନେତାଙ୍କ ସମ୍ପର୍କୀୟ ପାଇଁ ତାଙ୍କୁ ଅନୁକମ୍ପା ପ୍ରଦର୍ଶନ କରାଯାଇଥିଲା ବୋଲି ଚର୍ଚ୍ଚା ହେଉଛି। ଯାହାର ଉଚ୍ଚସ୍ତରୀୟ ତଦନ୍ତ ଜରୁରୀ।

## ଅଧିକ ସୁଧର ପ୍ରଲୋଭନ ଦେଖାଇ ୩ ଲକ୍ଷ ଠକେଇ

ବାରିପଦା, ୧।୩(ସମିସ): ବାରିପଦା ସହରରେ ଠକଙ୍କ ପ୍ରାଦୁର୍ଭାବ ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ଠକେଇ ମାମଲା ମଧ୍ୟ ପୂର୍ବ ଅପେକ୍ଷା ଅଧିକ ପରିଲକ୍ଷିତ ହେଉଛି। ଶୁକ୍ରବାର ପୁଣି ଏକ ଠକେଇ ନେଇ ମାମଲା ରୁଜୁ ହୋଇଛି। ପ୍ରତି ମାସ ୩ ଗୁଣା ଅଧିକ ସୁଧ ରାଶି ପ୍ରଦାନ କରିବାର ପ୍ରଲୋଭନ ଦେଖାଇ ୩ ଲକ୍ଷ ଟଙ୍କା ଠକେଇ ହୋଇଥିବା ନେଇ ଟାଉନ ଥାନାରେ କୃଷ୍ଣଚନ୍ଦ୍ର ନାୟକ ଅଭିଯୋଗ କରିଛନ୍ତି। ବାରିପଦା ଟାଉନ ଥାନା ସ୍ଥିତ ତୁଳସୀଚୌରା ଅଞ୍ଚଳରେ ଥିବା ଡିଏଲ୍ଏସ୍ଏ ନାମକ ଏକ ଘରୋଇ ସଂସ୍ଥାର ମହିଳା କର୍ମଚାରୀ ଅର୍ଚ୍ଚନା ସାହୁଙ୍କ ବିରୋଧରେ ୩ ଲକ୍ଷ ଟଙ୍କା ଠକେଇ ନେଇ ଟାଉନ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ ହୋଇଛି। ଅଭିଯୋଗ ଅନୁଯାୟୀ, କୃଷ୍ଣଚନ୍ଦ୍ର ନାୟକ ଓ ଅର୍ଚ୍ଚନା ସାହୁ ଉଭୟ ଡିଏଲ୍ଏସ୍ଏ ସଂସ୍ଥାର କର୍ମଚାରୀ ଭାବେ କାର୍ଯ୍ୟ କରନ୍ତି। ଗତ ୨୦୨୩ ମସିହା ମାର୍ଚ୍ଚରେ ଅର୍ଚ୍ଚନା ସାହୁ ତାଙ୍କ ସହଯୋଗୀ କର୍ମୀ କୃଷ୍ଣଚନ୍ଦ୍ର ନାୟକଙ୍କୁ ଏକ ଅନାମଧେୟ ସଂସ୍ଥାରେ ଟଙ୍କା ଜମା ରଖିବାକୁ କହିଥିଲେ। ଜମା କଲେ ପ୍ରତି ମାସରେ ୩ ଗୁଣ ସୁଧ ମିଳିବ ବୋଲି ପ୍ରଲୋଭନ ଦେଖାଇଥିଲେ। ତେବେ ଏଥିରେ କୃଷ୍ଣଚନ୍ଦ୍ର ପ୍ରଲୋଭିତ ହୋଇ ସେ ଗତବର୍ଷ ମାର୍ଚ୍ଚ ମାସ ୧୯ ତାରିଖରେ ଅର୍ଚ୍ଚନାଙ୍କୁ ୩ଲକ୍ଷ ଟଙ୍କା ଦେଇଥିଲେ। ଅର୍ଚ୍ଚନା ଉକ୍ତ ଟଙ୍କାକୁ କ୍ୟୁଏନଇପି ନାମକ ଏକ ଘରୋଇ ସଂସ୍ଥାରେ ଜମା କରିଥିଲେ। ପରନ୍ତୁ ଗତ ୧୦ ମାସରେ ସୁଧ ବାବଦକୁ ଗୋଟିଏ ବି ଟଙ୍କା ଦେଇନାହାନ୍ତି। ସୁଧ ନ ମିଳିବାରୁ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇ ବାରିପଦା ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି କୃଷ୍ଣଚନ୍ଦ୍ର। ଅଭିଯୋଗ ପାଇ ପୁଲିସ ଏକ ମାମଲା ରୁଜୁକରି ତଦନ୍ତ କରୁଛି।

## ଦ୍ୱିତୀୟ ପର୍ଯ୍ୟାୟରେ ମୟୂରଭଞ୍ଜରୁ ତୀର୍ଥଯାତ୍ରାରେ ଗଲେ ୨୪୫ ବରିଷ୍ଠ ନାଗରିକ




ବାରିପଦା, ୧।୩(ସମିସ): ଓଡ଼ିଶା ପର୍ଯ୍ୟଟନ ବିଭାଗ ଏବଂ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ତରଫରୁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ବାରିପଦାରେ ଶୁକ୍ରବାର ଶୁଭାରମ୍ଭ ହୋଇଛି। ଦ୍ୱିତୀୟ ପର୍ଯ୍ୟାୟରେ ଜିଲ୍ଲାରୁ ୨୪୫ଜଣ ବରିଷ୍ଠ ନାଗରିକ ଯାତ୍ରା ଆରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବାରିପଦା ସ୍ଥିତ ସଂସ୍କୃତି ଭବନ ସମ୍ମୁଖରେ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଉମାଶଙ୍କର ମହାରଣା ସବୁଜ ପତାକା ଦେଖାଇ ଯାତ୍ରାର ଶୁଭାରମ୍ଭ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପର୍ଯ୍ୟଟନ ଅଧିକାରିଣୀ ସତ୍ୟଭାମା ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ସେଠୀ, ଭାରପ୍ରାପ୍ତ ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି ଏବଂ ଅନ୍ୟାନ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ସୂଚନା ଅନୁସାରେ, ବରିଷ୍ଠ ନାଗରିକ ବିଶେଷ କରି ଯେଉଁମାନେ ଆର୍ଥିକ ସ୍ୱଚ୍ଛଳ ତଥା ଅନ୍ୟାନ୍ୟ ଆନୁଷଙ୍ଗିକ ସମସ୍ୟା ହେତୁ ତୀର୍ଥଯାତ୍ରାରୁ ବଞ୍ଚିତ ହେଉଥିଲେ ସେମାନଙ୍କୁ ବିଭିନ୍ନ ସ୍ଥାନ ଦର୍ଶନ କରିବା ଲକ୍ଷ୍ୟ ନେଇ ରାଜ୍ୟ ସରକାର ଏହି ଯୋଜନା ଆରମ୍ଭ କରିଛନ୍ତି; ଯାହାକି ବରିଷ୍ଠ ନାଗରିକଙ୍କ ପାଇଁ ବେଶ ସହାୟକ ସହିତ ସେମାନଙ୍କ ମନରେ ଆନନ୍ଦ ଆଣି ଦେଇଛି। ଏହି କ୍ରମରେ ଚଳିତ ବର୍ଷ ଜିଲ୍ଲା ପର୍ଯ୍ୟଟନ ବିଭାଗ ତରଫରୁ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା ପାଇଁ ସମଗ୍ର ଜିଲ୍ଲାରୁ ୬୨୮ଟି ଆବେଦନ ଗ୍ରହଣ ହୋଇଥିବା ବେଳେ ଦ୍ୱିତୀୟ ପର୍ଯ୍ୟାୟ ନିମନ୍ତେ ୨୪୫ଜଣ ବରିଷ୍ଠ ନାଗରିକଙ୍କୁ ଚୟନ କରାଯାଇଥିଲା। ସମସ୍ତ ବରିଷ୍ଠ ନାଗରିକଙ୍କୁ ୬ଟି ବସ୍‌ରେ ବାରିପଦାରୁ ବାଲେଶ୍ୱର ପର୍ଯ୍ୟନ୍ତ ନିଆଯାଇଛି। ସେଠାରୁ ଏକ ସ୍ୱତନ୍ତ୍ର ଟ୍ରେନ ଯୋଗେ ଶନିବାରରୁ ୭ତାରିଖ ପର୍ଯ୍ୟନ୍ତ ଆଗ୍ରା ଓ ମଥୁରା ତୀର୍ଥ ଯାତ୍ରା କରିବେ। ଯାତ୍ରା ସମୟରେ ବରିଷ୍ଠ ନାଗରିକଙ୍କ ସୁବିଧା ପାଇଁ ଜିଲ୍ଲା ପ୍ରଶାସନର ୮ଜଣ ଅଧିକାରୀ ମଧ୍ୟ ସେମାନଙ୍କ ସହିତ ଯାଇଛନ୍ତି। ବରିଷ୍ଠ ନାଗରିକଙ୍କ ଯାତ୍ରା ପୂର୍ବରୁ ବାରିପଦା ଷ୍ଟାଡିୟମଠାରେ ଖାଦ୍ୟପେୟ ସହ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ଯାତ୍ରା ସାରି ନିଜ ନିଜ ଅଞ୍ଚଳକୁ ଫେରିବା ପାଇଁ ରାଜ୍ୟ ସରକାରଙ୍କ ତରଫରୁ ସମସ୍ତ ବ୍ୟବସ୍ଥା କରାଯାଇଛି।

ପ୍ରକାଶ ଥାଉ କି, ଗତ ଜାନୁଆରୀ ୪ତାରିଖରେ ମୟୂରଭଞ୍ଜ ଜିଲ୍ଲାରୁ ୨୪୫ଜଣ ବରିଷ୍ଠ ନାଗରିକ ପ୍ରଥମ ପର୍ଯ୍ୟାୟରେ ତୀର୍ଥଯାତ୍ରା କରିଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ସେମାନଙ୍କୁ ମଧ୍ୟପ୍ରଦେଶର ଉଜ୍ଜୟିନୀ ଏବଂ ଓଁକାରେଶ୍ୱରକୁ ଟ୍ରେନ ଯୋଗେ ନିଆଯାଇଥିଲା।

● ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

## ମାସକରେ ସମସ୍ତଙ୍କ ମନ ଜିଣିଥିଲେ ଆଶିଷ ଠାକରେ

ବାରିପଦା, ୧।୩(ସମିସ): ଶୁକ୍ରବାର ମୟୂରଭଞ୍ଜ ଜିଲ୍ଲାପାଳ ଆଶିଷ ଠାକରେ ଏବଂ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରାଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସର ସଦଭାବନା କକ୍ଷରେ ଆୟୋଜିତ ଏକ ସଭାରେ ଜିଲ୍ଲାପାଳ ଶ୍ରୀ ଠାକରେ ଏବଂ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ବେହେରାଙ୍କୁ ଉପଢୌକନ ଦେଇ ସ୍ୱାଗତ କରିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଅଧିକାରୀଙ୍କୁ ଧନ୍ୟବାଦ ଦେବା ସହିତ ଗତ କିଛି ଦିନର ମୟୂରଭଞ୍ଜ ଜିଲ୍ଲାର ହୋଇଥିବା ଅନୁଭୂତି ସମେତ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସଫଳତା ଏବଂ ତ୍ୱରାନ୍ୱିତ କରିବାକୁ କହିଥିଲେ। ଗତ ଜାନୁଆରୀ ୩୦ ତାରିଖରେ ମୟୂରଭଞ୍ଜ ଜିଲ୍ଲାପାଳ ଭାବେ ସେ ଯୋଗ ଦେଇଥିଲେ।

ବିଦାୟକାଳୀନ ସଭାରେ ସମସ୍ତ ନବନିଯୁକ୍ତ ଯୁବ ଅଧିକାରୀଙ୍କୁ ନିଷ୍ଠା ଏବଂ ତତ୍ପରତା ସହିତ କାର୍ଯ୍ୟ ପରିଚାଳନା କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ବିଭୂତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ (ରାଇରଙ୍ଗପୁର) ଦୌଲତ ଚନ୍ଦ୍ରକାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁ, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ଡେପୁଟି କଲେକ୍ଟର ତଥା ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଶ୍ରଦ୍ଧା ସୁମନ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ଏବଂ ଅନ୍ୟାନ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରକାଶ ଥାଉକି, ମୟୁରଭଞ୍ଜ ଜିଲ୍ଲାପାଳ ଭାବେ ଗତ ଜାନୁଆରୀ ୩୦ତାରିଖରେ ଆଶିଷ ଠାକରେ ଦାୟିତ୍ୱ ଗ୍ରହଣ କରିଥିଲେ। ତେବେ ସେ ପୂର୍ବରୁ କେନ୍ଦୁଝର ଜିଲ୍ଲାର ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଥିଲେ। ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ଅଞ୍ଚଳ କେନ୍ଦୁଝର ସଂସଦୀୟ କ୍ଷେତ୍ର ଅଧୀନରେ ଯାଉଛି। ନିର୍ବାଚନ



ସମସ୍ତ ବିଭାଗୀୟ ଅଧିକାରୀ ବିଦାୟୀ ସମ୍ୟକ ବକ୍ତବ୍ୟ ରଖିଥିଲେ। ଶ୍ରୀ ଠାକରେଙ୍କୁ ଜଣେ ହୃଦୟସ୍ପର୍ଶୀ ବ୍ୟକ୍ତି ବୋଲି କହିଥିବା ବେଳେ ଶ୍ରୀ ବେହେରାଙ୍କୁ ଜଣେ ମିଷ୍ଟଭାଷୀ ଅଧିକାରୀ ବୋଲି ପ୍ରକାଶ କରିଥିଲେ। ମାତ୍ର ଏକମାସ ଜିଲ୍ଲାପାଳଙ୍କ ସହିତ କାର୍ଯ୍ୟକରି ଅନେକ କିଛି ଶିଖିବାକୁ ମିଳିଛି ବୋଲି ସମସ୍ତ ଅଧିକାରୀ ଏବଂ କର୍ମଚାରୀ କହିଥିଲେ। ଶେଷରେ ବିଦାୟୀ ଜିଲ୍ଲାପାଳ ଶ୍ରୀ ଠାକରେ ସମସ୍ତ କମିଶନରଙ୍କ ନିୟମ ଅନୁଯାୟୀ ୩ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି କେନ୍ଦୁଝର ଜିଲ୍ଲାରେ ସେ ଜିଲ୍ଲାପାଳ ଭାବେ କାର୍ଯ୍ୟ କରିଥିବାରୁ ତାଙ୍କ ପୁନଶ୍ଚ ବଦଳି କରାଯାଇଛି। ଏଠାରୁ ତାଙ୍କୁ ବାଲେଶ୍ୱର ଜିଲ୍ଲାପାଳ ଭାବେ ବଦଳି ହୋଇଛି। ବାଲେଶ୍ୱରର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ମୟୂରଭଞ୍ଜ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ନିଯୁକ୍ତ କରାଯାଇଛି।

## ୪ ଅତିରିକ୍ତ ତହସିଲଦାରଙ୍କୁ ତହସିଲଦାର ଦାୟିତ୍ୱ

ବାରିପଦା, ୧।୩(ସମିସ): ମୟୂରଭଞ୍ଜ ଜିଲ୍ଲାର ୪ଟି ତହସିଲରେ ୪ଜଣ ଅତିରିକ୍ତ ତହସିଲଦାରଙ୍କୁ ତହସିଲଦାର ଭାବେ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପକ୍ଷରୁ ତହସିଲଦାରମାନଙ୍କ ବଦଳି ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଯାହାକୁ ନେଇ ତହସିଲଦାରମାନେ ବଦଳି ସ୍ଥାନରେ ଯୋଗ ଦେଇଥିବା ବେଳେ ଉକ୍ତ ସ୍ଥାନଗୁଡ଼ିକ ଏବେ ଖାଲି ରହିବାରୁ ଅତିରିକ୍ତ ତହସିଲଦାରଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ତହସିଲଦାର ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଜ୍ଞପ୍ତି ଅନୁଯାୟୀ, କରଞ୍ଜିଆ ତହସିଲଦାର ଭାବେ ଅତିରିକ୍ତ ତହସିଲଦାର ନିତ୍ୟାନନ୍ଦ ସେଠୀ, ଶୁକୁଳି ତହସିଲଦାର ଭାବେ ଅତିରିକ୍ତ ତହସିଲଦାର ରାଜକିଶୋର ଜେନା, ବେତନଟୀ ତହସିଲଦାର ଭାବେ ମୋରଡ଼ାର ଅତିରିକ୍ତ ତହସିଲଦାର ଶାନ୍ତିରାମ ହେମ୍ବ୍ରମ, ବଡ଼ସାହି ତହସିଲଦାର ଭାବେ ଖୁଣ୍ଟାର ଅତିରିକ୍ତ ତହସିଲଦାର ପ୍ରଦୀପ କୁମାର ପାଢ଼ୀ ଦାୟିତ୍ୱ ଗ୍ରହଣ କରିଛନ୍ତି। ନୂତନ ତହସିଲଦାର ଯୋଗଦେବା ପର୍ଯ୍ୟନ୍ତ ଏମାନେ କାର୍ଯ୍ୟ ତୁଲାଇବେ।

## ସମ୍ପ୍ରସାରିତ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଉଦ୍‌ଘାଟିତ



ବାରିପଦା, ୧।୩(ସମିସ): ଦେବେନ୍ଦ୍ରପୁର ସ୍ଥିତ ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏକ ନୂତନ ସମ୍ପ୍ରସାରଣ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଇଂ ବିଶେଶ୍ୱର ଟୁଡୁ ଯୋଗଦେଇ ଉକ୍ତ ନୂତନ କେନ୍ଦ୍ରର ଉଦଘାଟନ କରିଥିଲେ। ଜାତୀୟ ସ୍ୱାସ୍ଥ୍ୟ ମିଶନ ଅଧୀନରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଉକ୍ତ ସମ୍ପ୍ରସାରଣ ସ୍ୱାସ୍ଥ୍ୟ ଆରୋଗ୍ୟ କେନ୍ଦ୍ର ନିର୍ମାଣ କରାଯାଇଛି। ଯାହାକି ସହରାଞ୍ଚଳରେ ବସବାସ କରୁଥିବା ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସେବା ନିମନ୍ତେ ସହାୟକ ହେବ। ଉଦଘାଟନ କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅଭୟ ଦାଶଙ୍କ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀ ଓ ଦେବେନ୍ଦ୍ରପୁର ସହରାଞ୍ଚଳ ସ୍ୱାସ୍ଥ୍ୟ କେନ୍ଦ୍ରରେ କର୍ମଚାରୀ ଉପସ୍ଥିତ ଥିଲେ।

ବିବାଦ ଘେରରେ ବଡ଼ସାହି ବିଧାୟକ

# ସରକାରୀ କାର୍ଯ୍ୟକ୍ରମ ମଞ୍ଚରେ ଚିଟ୍‌ଫଣ୍ଡ ଦୋଷୀଙ୍କଠାରୁ ସମ୍ବର୍ଦ୍ଧିତ

ବାରିପଦା, ୧।୩(ସମିସ): ବିବାଦରେ ବଡ଼ସାହି ବିଧାୟକ ସନାତନ ବିଜୁଳି। ବୁଧବାର ବଡ଼ସାହି ବ୍ଲକ, ମାଣଡ୍ରୀ ପଞ୍ଚାୟତର ବଦଳିଗାଁ ସ୍ଥିତ ଏକଲବ୍ୟ ସ୍କୁଲ ଉଦଘାଟନ ସଭା ଆୟୋଜିତ ହୋଇଥିଲା। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥ ବାଲେଶ୍ୱର ସାଂସଦ ପ୍ରତାପ ଷଡ଼ଙ୍ଗୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ବଡ଼ସାହି ବିଧାୟକ ସନାତନ ବିଜୁଳି, କେନ୍ଦ୍ରମନ୍ତ୍ରୀ ବିଶ୍ୱେଶ୍ୱର ଟୁଡୁଙ୍କ ବ୍ୟକ୍ତିଗତ ସଚିବ ଏସ.କେ ଜେନାଙ୍କ ସମେତ ଅଧିକାରୀବୃନ୍ଦ ମଞ୍ଚରେ ଉପସ୍ଥିତ ଥିଲେ। ତେବେ ଅତିଥିମାନଙ୍କୁ ମଞ୍ଚରେ ସ୍ୱାଗତ ସମ୍ବର୍ଦ୍ଧନା ଦେବା ସମୟରେ ଜମାକାରୀଙ୍କଠାରୁ ଟଙ୍କା ହଡ଼ପ ମାମଲାରେ ଦୋଷୀ ସାବ୍ୟସ୍ତ ଜଣେ ଚିଟ୍‌ଫଣ୍ଡ ସଂସ୍ଥା ପରିଚାଳକ ବିଧାୟକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେବାକୁ ନେଇ ବିବାଦ ଘେରକୁ ଟାଣିଆଣିଛି। ଦୋଷୀ ବ୍ୟକ୍ତି ଜଣଙ୍କ ହେଲେ କୋଲକାତା ୱେର୍‌ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ଶାଖା ପରିଚାଳକ ତଥା ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ମାନଗୋବିନ୍ଦପୁର ଅଞ୍ଚଳର ସଂଗ୍ରାମକେଶରୀ ପାତ୍ର (୪୧)। ସେ ବର୍ତ୍ତମାନ ମାଣଡ୍ରୀ ଜିଲ୍ଲାପରିଷଦ ଜୋନର ବିଜେପି ସମ୍ପାଦକ ଅଛନ୍ତି। ଜମାକାରୀଙ୍କଠାରୁ ଟଙ୍କାହଡ଼ପ ମାମଲାରେ ବାଲେଶ୍ୱର ସ୍ୱତନ୍ତ୍ର ଓପିଆଇଡି କୋର୍ଟ ବିଚାରପତି ବିଶ୍ୱଜିତ ଦାସ ତାଙ୍କୁ ଗତ ଡିସେମ୍ବର ୧୦ ତାରିଖରେ ଦୋଷୀ ସାବ୍ୟସ୍ତ କରି ୩ ବର୍ଷ ଜେଲ୍ ଓ ୬୧ ହଜାର ଟଙ୍କା ଜରିମାନା ଦଣ୍ଡରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦାୟ ଅଧିକ ୯ ମାସ ଜେଲ୍‌ଦଣ୍ଡ ଭୋଗିବାକୁ ଆଦେଶ ଦେଇଛନ୍ତି। ଜମାକାରୀଙ୍କୁ ଲୋଭନୀୟ ସ୍କିମ୍ ଦେଖାଇ କୋଲକାତା ୱେର୍ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍ (କ୍ରିଲ୍) ଉଦଳାରେ ଏକ ଶାଖା ଖୋଲି ଏଜେଣ୍ଟଙ୍କ ଜରିଆରେ ବିପୁଳ ପରିମାଣର ଅର୍ଥ ସଂଗ୍ରହ କରିଥିଲା। ହେଲେ ଅର୍ଥ ଆଦାୟ କରି ରାତାରାତି ମୟୂରଭଞ୍ଜ ଉଦଳା ଶାଖାକୁ ବନ୍ଦ କରିଦିଆଯାଇଥିଲା। ଫଳରେ ଜମାକାରୀ ଆଉ ଟଙ୍କା ଫେରସ୍ତ ପାଇ ନ ଥିଲେ। ଏ ସଂକ୍ରାନ୍ତରେ ଉଦଳା ଥାନାର ତତ୍କାଳୀନ ଥାନା ଅଧିକାରୀ ସୁବ୍ରତ ବେହେରା ସଂସ୍ଥାର ଶାଖା ପରିଚାଳକ ସଂଗ୍ରାମ କିଶୋର ପାତ୍ରଙ୍କ ସମେତ ପଶ୍ଚିମବଙ୍ଗ ଉତ୍ତର ଚବିଶ ପ୍ରଗଣା ଜିଲ୍ଲା ଡାଇମଣ୍ଡ ହାର୍ବର୍ ଅଞ୍ଚଳର ସାମ୍‌ସୁଲ ଆଲମ୍ ଖାଁ, ରାମକୃଷ୍ଣ ମଣ୍ଡଳ ଓ ସାହାଜାନ ଖାଁଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ। ବାଲେଶ୍ୱର ଚିଟ୍‌ଫଣ୍ଡ ଅଦାଲତରେ ଏହି ମାମଲା ବିଚାରାଧୀନ ଥିବା ବେଳେ ବିଚାରପତି ୧୦ ଜଣ ସାକ୍ଷୀ ଓ ୧୮ଟି ଦସ୍ତାବିଜ ଆଧାରରେ ସଂଗ୍ରାମଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ପ୍ରଦାନ କରିଥିଲେ। ତେବେ ଘଟଣା ପରେ ସଂଗ୍ରାମ ଜାମିନରେ ରହିଥିଲେ ହେଁ ବିଜେପି ତାଙ୍କୁ ଜୋନ ସମ୍ପାଦକ ପଦବୀରୁ ଅବ୍ୟାହତ କରିନାହିଁ। ଅପରପକ୍ଷରେ ପୂର୍ବ ଭଳି ଦଳର ସମସ୍ତ କାର୍ଯ୍ୟକ୍ରମରେ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ଏହା ପଛରେ ବିଧାୟକ ବିଜୁଳିଙ୍କ ଆଶୀର୍ବାଦ ଥିବା ଦଳର କର୍ମକର୍ତ୍ତା କହୁଛନ୍ତି। ତେବେ ରାଷ୍ଟ୍ରପତିଙ୍କ ଦ୍ୱାରା ଶିକ୍ଷାନୁଷ୍ଠାନ ଉଦଘାଟନ ଭଳି ସରକାରୀ କାର୍ଯ୍ୟକ୍ରମ ମଞ୍ଚରେ କୋର୍ଟ ଦ୍ୱାରା ଦୋଷୀ ସଂଗ୍ରାମଙ୍କୁ ସୁଯୋଗ ଦେବା ବିଜୁଳି ଓ ବିଜେପିର ଭାବମୂର୍ତ୍ତିକୁ କ୍ଷୁଣ୍ଣ କରିଛି। ଯାହାକୁ ନେଇ ବଡ଼ସାହି ରାଜନୀତିରେ ହଇଚଇ ସୃଷ୍ଟି କରିଛି। ଏ ନେଇ ବିଧାୟକ ସନାତନଙ୍କ ପ୍ରତିକ୍ରିୟା ନେବାରୁ ସଂଗ୍ରାମ ପାତ୍ର କୋର୍ଟଙ୍କ ଦ୍ୱାରା ଦୋଷୀ ସାବ୍ୟସ୍ତ ହେବା ଜାଣିନାହାନ୍ତି ବୋଲି କହିଛନ୍ତି।



### ବସ୍‌ଷ୍ଟାଣ୍ଡ ଓ ଶୌଚାଳୟ ନିର୍ମାଣ ଦାବିରେ ଠାକୁରମୁଣ୍ଡା ବନ୍ଦ ପାଳିତ

# ଦୋକାନବଜାର, ଯାନବାହନ ଚଳାଚଳ ବନ୍ଦ

ଠାକୁରମୁଣ୍ଡା, ୧।୩(ସମିସ): ଠାକୁରମୁଣ୍ଡା ବ୍ଲକ ସଦର ମହକୁମାରେ ସ୍ଥାୟୀ ବସ୍‌ଷ୍ଟାଣ୍ଡ ଏବଂ ଶୌଚାଳୟ ନିର୍ମାଣ ଦାବିରେ ଶୁକ୍ରବାର ବ୍ଲକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସକାଳ ୬ରୁ ସନ୍ଧ୍ୟା ୬ଟା ଯାଏ ଅର୍ଥାତ୍ ୧୨ ଘଣ୍ଟିଆ ବନ୍ଦ




ପାଳନ କରାଯାଇଥିଲା। ସୂଚନା ଥାଉକି ୫-ଟି ଅଧକ୍ଷ କାର୍ତ୍ତିକ ପାଣ୍ଡିଆନ କରଞ୍ଜିଆ ଜନ ଅଭିଯୋଗ ଶୁଣାଣି ପାଇଁ ଆସିଥିବାବେଳେ ଠାକୁରମୁଣ୍ଡା ସରପଞ୍ଚଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ତାଙ୍କୁ ଭେଟି ବସଷ୍ଟାଣ୍ଡ ଏବଂ ଶୌଚାଳୟ ନିର୍ମାଣ କରିବା ନିମନ୍ତେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଶ୍ରୀ ପାଣ୍ଡିଆନ ଖୁବ ଶୀଘ୍ର ବସଷ୍ଟାଣ୍ଡ ଓ ଶୌଚାଳୟ ନିର୍ମାଣ କରାଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ପାଇଥିଲେ। ହେଲେ ଦାବି ପୂରଣ ନ ହେବାରୁ ଠାକୁରମୁଣ୍ଡା କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ କରଞ୍ଜିଆରେ ଅନୁଷ୍ଠିତ ଜନ ଅଭିଯୋଗ ଶୁଣାଣି ଶିବିରରେ ଆଉ ଏକ ଦାବିପତ୍ର ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ପ୍ରସଙ୍ଗ ଉପରେ ଶୀଘ୍ର କାର୍ଯ୍ୟ କରାଯିବା ପାଇଁ ଜଣାଇବା ପରେ ଜିଲ୍ଲାପାଳ ଉପଜିଲ୍ଲାପାଳ, ସ୍ଥାନୀୟ ତହସିଲଦାର ଏବଂ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ମଧ୍ୟ ଦେଇଥିଲେ। ହେଲେ ଏବେ ଏହି ଅଭିଯୋଗପତ୍ର ଦିଆଯିବାର ଦୁଇମାସ ବିତିଯାଇଥିଲେ ମଧ୍ୟ କୌଣସି କାମ ହୋଇପାରିନାହିଁ। ଫଳରେ ସ୍ଥାନୀୟ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାକୁ ନେଇ ଠାକୁରମୁଣ୍ଡା ବିଡିଓ ମନୋଜ କୁମାର କାର୍ଜିଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ ଏକ ଦାବିପତ୍ର ମଧ୍ୟ ଦିଆଯାଇଛି। ତୁରନ୍ତ କାର୍ଯ୍ୟ ଆରମ୍ଭ ନ ହେଲେ ମାର୍ଚ୍ଚ ୧ ତାରିଖରେ ଠାକୁରମୁଣ୍ଡା ବନ୍ଦ କରାଯିବ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ମଧ୍ୟ ଲିଖିତଭାବେ ଜଣାଇ ଦିଆଯାଇଥିଲା। ତେଣୁ ଆଜି ପ୍ରତିବାଦ ଜଣାଇ ୧୨ ଘଣ୍ଟିଆ ଠାକୁରମୁଣ୍ଡା ବନ୍ଦ କରାଯାଇଥିଲା। ଫଳରେ ସମସ୍ତ ଦୋକାନ ବଜାର ବନ୍ଦ ରହିବା ସହିତ କରଞ୍ଜିଆ-ଭୁବନେଶ୍ୱର ଏବଂ କରଞ୍ଜିଆ-ଉଦଳା ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଚଳାଚଳ ବନ୍ଦ ରହିଥିଲା। ସ୍ଥାନୀୟ ପ୍ରଶାସନ ୭ଦିନ ସମୟ ନେଇ ଆଲୋଚନା କରି ସମସ୍ୟାର ସମାଧାନ କରିବାକୁ କ୍ରିୟାନୁଷ୍ଠାନ କମିଟିକୁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନରୁ ଉଠିଥିଲେ। ଯଦି ୭ ଦିନ ଭିତରେ କାମ ଆରମ୍ଭ କରା ନ ଯାଏ ତେବେ ଆଗାମୀ ଦିନରେ ପୁଣି ବନ୍ଦ ଡାକରା ଦିଆଯିବ ବୋଲି କ୍ରିୟାନୁଷ୍ଠାନ କମିଟି କହିଛି।

### ମୋରଡା ପ୍ରେସ କ୍ଲବ ନୂତନ କର୍ମକର୍ତ୍ତା

# ଘାସିରାମ ସଭାପତି ଓ ଅବିନାଶ ସାଧାରଣ ସମ୍ପାଦକ



ମୋରଡା, ୧।୩(ସମିସ): ଶୁକ୍ରବାର ମୋରଡା ଡାକବଙ୍ଗଳାରେ ପ୍ରେସ କ୍ଲବର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ମୋରଡା ବ୍ଲକରେ କାର୍ଯ୍ୟରତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଉପସ୍ଥିତ ରହି ଗଠନମୂଳକ ପରାମର୍ଶ ଦେଇ ସଂଘକୁ ଜନାଦୃତ କରିବାର ପଦକ୍ଷେପ ନେବାକୁ ପରାମର୍ଶ ଦେଇଥିଲେ। ମୋରଡା ବ୍ଲକର ପୁରାତନ ଏବଂ ପ୍ରଥମ ସାମ୍ବାଦିକ ସଂଘ ଭାବେ ପ୍ରେସ କ୍ଲବ ମୋରଡା ଗଠନ ହୋଇ କାର୍ଯ୍ୟ କରିଆସୁଛି। ଏହାକୁ ଗତିଶୀଳ କରିବା ପାଇଁ ଆଜି ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ସଭାପତି ଭାବେ ଘାସିରାମ ବେହେରା, ଉପସଭାପତି ସୁଧାଂଶୁ କୁମାର ରାଉତ, ସାଧାରଣ ସମ୍ପାଦକ ଅବିନାଶ ମହାନ୍ତି, ସହ ସମ୍ପାଦକ ତୁଷାର କାନ୍ତ ବେହେରା, ସତ୍ୟକାନ୍ତ ବେହେରା, ସମିର ମହାନ୍ତ, କୋଷାଧକ୍ଷ ସଦାନନ୍ଦ ପାଣିଗ୍ରାହୀ ଏବଂ କାର୍ଯ୍ୟକାରିଣୀ ସଦସ୍ୟ ଭାବେ ଡାକ୍ତର ପ୍ରଦୀପ ଚନ୍ଦ୍ର ମହାନ୍ତ, ଅଜୟ ମହାନ୍ତ, ସ୍ୱରୂପ ଦାସ ଓ ଚିତ୍ତରଞ୍ଜନ ବେହେରା ପ୍ରମୁଖ ମନୋନୀତ ହୋଇଛନ୍ତି। ତୁଷାରକାନ୍ତ ବେହେରାଙ୍କ ଆବାହାକତ୍ୱରେ ଅନୁଷ୍ଠିତ ବୈଠକରେ ବର୍ଷୀୟାନ ସାମ୍ବାଦିକ ଡା. ପ୍ରଦୀପ ଚନ୍ଦ୍ର ମହାନ୍ତ ସଭାପତିତ୍ୱ କରିଥିଲେ। ବୈଠକ ଶେଷରେ ମନୋନୀତ କର୍ମକର୍ତ୍ତାଙ୍କୁ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା।

## ଧଳପୁରରେ ଭୋଟର ସଚେତନତା ରାଲି




ରାଇରଙ୍ଗପୁର, ୧।୩(ସମିସ): ମୟୂରଭଞ୍ଜ ଜିଲ୍ଲା ଜାମଦା ବ୍ଲକ ହେଁସଡ଼ା ଗ୍ରାମ ପଞ୍ଚାୟତ ଧଳପୁର ଗାଁରେ 'ଜାତୀୟ ଯୁବ ସ୍ୱେଚ୍ଛାସେବୀ ଜାମଦା ବ୍ଲକ'ର କର୍ଜନ ବାଙ୍କିରାଙ୍କ ଅଧ୍ୟକ୍ଷତାରେ ଭୋଟର ସଚେତନତା ରାଲି ଏବଂ ଏକ ସଭା ଅନୁଷ୍ଠିତ ହୋଇଥିଲା। ରାଲି ପରେ ଧଳପୁର ଗାଁର ଉପରସାହିରେ ଭୋଟର ଏକ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥିଭାବେ ବକ୍ସିଜଗବନ୍ଧୁ ପାଲ ଏବଂ ରିସସ୍ ପର୍ସନ ରୂପେ ଅମୂଲ୍ୟ ଦାସ ଉପସ୍ଥିତ ରହି ଭୋଟର ସଚେତନତା ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ୟୁଏସ୍ଆଇ ସଂଗଠନର ଓଡ଼ିଶା ରାଜ୍ୟ ସଂଯୋଜକ ପ୍ରଶ୍ନ କୁମାର ଶତପଥୀ, ଏନ୍‌ୱାଇଭି ଜାମଦାର କର୍ଜନ ବାଙ୍କିରା ଭୋଟର ପଞ୍ଜୀକରଣର ସାଧାରଣ ନିୟମ, ଯୋଗ୍ୟତା, ସଂଶୋଧନ ପ୍ରକ୍ରିୟା, ଅନଲାଇନ ଓ ଅଫଲାଇନ ମାଧ୍ୟମରେ ଫର୍ମ ଦାଖଲ ପ୍ରଣାଳୀ ଓ ଇଭିଏମ୍‌ର ବ୍ୟବହାର ବିଷୟରେ ବକ୍ତବ୍ୟ ରଖିଥିଲେ। ଶେଷରେ

## ଦେଓକୁଣ୍ଡି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ




ଜାମଦା, ୧।୩(ସମିସ): ଜାମଦା ବ୍ଲକ ଅନ୍ତର୍ଗତ ଦେଓକୁଣ୍ଡି ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭାଶିଷ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଏବିଇଓ ପ୍ରତାପ ଚନ୍ଦ୍ର ନାଏକ, ସ୍ୱତନ୍ତ୍ର ଅତିଥି ଭାବେ ପିଏ ଆଇଟିଡିଏର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜ୍ଞାନେନ୍ଦ୍ର ସାମଲ, ସମ୍ମାନିତ ଅତିଥି ରୂପେ ଦେଓକୁଣ୍ଡି କ୍ଲଷ୍ଟର ସିଆରସିସି ନିରଞ୍ଜନ ଗୋପ, ତେଣ୍ଡରା ସରପଞ୍ଚ ମଞ୍ଜିବ କୁମାର ମାଝୀ, ଜାମଦା ବାଳିକା ଉଚ୍ଚ ବିଦ୍ୟାଳୟ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୁରେନ୍ଦ୍ର ନାୟକ, ଦେଓକୁଣ୍ଡି ଏସ.ଏମ.ସି କମିଟିର ଭାଇସ ଚେୟାରମ୍ୟାନ ଲକ୍ଷ୍ମୀ ହାଁସଦା ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ପ୍ରଧାନ ଶିକ୍ଷକ ଅନନ୍ତ ଚରଣ ହାଁସଦା ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ କାରନ ଟୁଡୁ ମଞ୍ଚ ପରିଚାଳନା ସହ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସୋହଯୋଗ କରିଥିଲେ।

## ଫାର୍ମାସିଷ୍ଟଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




ଶୁଳିଆପଦା, ୧।୩(ସମିସ): ଶୁଳିଆପଦା ବ୍ଲକ କୋଷ୍ଟା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତର୍ଗତ ବାଘଡା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ସିଏଚସି ସୁପରିଣ୍ଟେଣ୍ଡେଣ୍ଟଙ୍କ ସଭାପତିତ୍ୱରେ ବରିଷ୍ଠ ଫାର୍ମାସୀ ଅଫିସର ଜଗବନ୍ଧୁ ନାଏକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଭାରେ ବାଘଡା ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସାଧିକାରୀ, ଆୟୂଷ ଡାକ୍ତର, କୁଲାଦହଣୀ ଆୟୁଷ ଡାକ୍ତର ଓ ବାଲେଶ୍ୱର ଜିଲ୍ଲାର ଓପସା ସଭାପତି ମହିମ କୁମାର ପାଲ୍, ପୂର୍ବତନ ସଭାପତି ରଘୁନାଥ ନାୟକ ଓ ନରେନ୍ଦ୍ର ନାଥ ପୁହାଣ ପ୍ରମୁଖ ମଞ୍ଚାସୀନ ଥିଲେ। ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ସିଦ୍ଧେଶ୍ୱର ମାରାଣ୍ଡି ଶ୍ରୀ ନାଏକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରିଥିଲେ। ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାଘଡା ସ୍ୱାସ୍ଥ୍ୟ କେନ୍ଦ୍ରର ଏଲଏଚଭି, ସିଏଚଓ, ଏଏନଏମ, ଏଲଟି, ଆଶା ଦିଦିଙ୍କ ସହିତ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

## ରାଇରଙ୍ଗପୁର ବିଇଓଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

ରାଇରଙ୍ଗପୁର, ୧।୩(ସମିସ): ରାଇରଙ୍ଗପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାଗ୍ୟରଥୀ ମହାନ୍ତିଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଅବସରରେ ଶିକ୍ଷକ ସଂଗଠନ ଓଷ୍ଟା ଓ ଜିଲ୍ଲା ଜୁନିୟର ରେଡ୍‌କ୍ରସ୍ ପକ୍ଷରୁ ଶ୍ରୀ ମହାନ୍ତିଙ୍କୁ ଅବସର କାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ରାଇରଙ୍ଗପୁର ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମ ମାଝୀଙ୍କ ସଭାପତିତ୍ୱରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଜୁନିୟର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ସମ୍ମାନିତ ଅତିଥି ଭାବେ ବହଳଦା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶୁଭଶ୍ରୀ ସିଂ, ଜିଲ୍ଲା ଜୁନିୟର ରେଡ୍ କ୍ରସ ଅଧିକାରୀ ସ୍ମୃତିରଞ୍ଜନ ପାଣି, ଓଷ୍ଟାର ଜିଲ୍ଲା ସମ୍ପାଦକ ଦୁର୍ଯ୍ୟୋଧନ ବେହେରା, ବହଳଦା ବ୍ଲକର ସମ୍ପାଦକ ପ୍ରକାଶ ଚନ୍ଦ୍ର ନାୟକ ପ୍ରମୁଖ ଯୋଗଦାନ କରି ଶ୍ରୀ ମହାନ୍ତିଙ୍କ ଅବସର ସମୟକୁ ଉପଭୋଗ କରିବା ପାଇଁ ପ୍ରଭୁଙ୍କ ପାଖରେ ପାର୍ଥନା କରିଥିଲେ। ଏହି କାର୍ଯ୍ୟକ୍ରମରେ ରେଡକ୍ରସର ରାଜ୍ୟ ପ୍ରାଥମିକ ଚିକିତ୍ସା ସାଧନ କର୍ମୀ ଲିଲା ତୀର୍ଥ ପୂର୍ଣ୍ଣ ସ୍ୱାଇଁ, ଏମଆଇଏସ ସୁନିତା ମହାପାତ୍ର ଓ ମଧୁସ୍ମିତା ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆୟୋଜକ କର୍ଜନ ବାଙ୍କିରା ଧନ୍ୟବାଦ ଅର୍ପଣ କରିଥିଲେ।

# ବ୍ଲକ ଆଗରେ ସ୍ୱୟଂସହାୟକ ଗୋଷ୍ଠୀର ଧାରଣା

ଠାକୁରମୁଣ୍ଡା, ୧।୩(ସମିସ): ଠାକୁରମୁଣ୍ଡା ବ୍ଲକ ଅନ୍ତର୍ଗତ ଚମ୍ପାଝରଠାରେ ସ୍ଥାନୀୟ ଅଧିବାସୀ ଏବଂ ଏସଏଚଜି ମହିଳାଙ୍କ ଉଦ୍ୟମ ଓ ବ୍ଲକ ସହାୟତାରେ ଏକ ଶିବ ମନ୍ଦିର ନିର୍ମାଣ ଏକବର୍ଷ ପୂର୍ବେ ଶେଷ ହୋଇଛି। ହେଲେ ଆଜିଯାଏ କାମର ବିଲ୍ ମିଳି ନ ଥିବାରୁ ଠାକୁରମୁଣ୍ଡା ବ୍ଲକ ଅଫିସ ସମ୍ମୁଖରେ ଚାଲିଥିବା ଆହୋରାତ୍ର ଧାରଣା ଆଜି ଦିତୀୟ ଦିନରେ ପହଞ୍ଚିଛି। କାର୍ଯ୍ୟାଦେଶ ପାଇବାପରେ ଚମ୍ପାଝରର ଅଞ୍ଚଳର ସ୍ୱୟଂ ସହାୟିକା ଗୋଷ୍ଠୀ ସଦସ୍ୟାମାନେ ଋଣ ନେଇ କାମ ଆରମ୍ଭ କରିଥିଲେ। ହେଲେ




ବିଲ ପାଇବା ଲକ୍ଷ୍ୟରେ ଗୋଷ୍ଠୀର ମହିଳାମାନେ ମନ୍ଦିର ନିର୍ମାଣ ଶେଷ କରିଦେଇଥିଲେ। କିନ୍ତୁ ବିଲ ପାଇବା ପାଇଁ ବିଳମ୍ବ ହେବାରୁ ହାଇକୋର୍ଟର ଆଶ୍ରୟ ମଧ୍ୟ ନେଇଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଜିଲ୍ଲାପାଳ ମଧ୍ୟ ତାଙ୍କ ଅଭିଯୋଗ ଶୁଣାଣି ବେଳେ ନିର୍ଦ୍ଦେଶ ଦେଇଥିଲେ। ଇତିମଧ୍ୟରେ ନିର୍ମାଣ ଶେଷ ହେବାର ଏକବର୍ଷ ବିତିଯାଇଥିଲେ ମଧ୍ୟ ଆଜିଯାଏ ବିଲ୍ ମିଳିନାହିଁ। ତେଣୁ ମହିଳାମାନେ ଗୁରୁବାରଠାରୁ ଅହୋରତ୍ର ଧାରଣାରେ ବସିଛନ୍ତି। ବିଲ ପୈଠ କରା ନ ଗଲେ ସେମାନେ ବ୍ଲକ ଅଫିସ ଆଗରୁ ହଟିବେ ନାହିଁ ବୋଲି ପ୍ରକାଶ କରିଛନ୍ତି। ଏ ନେଇ ଠାକୁରମୁଣ୍ଡା ବିଡିଓ ମନୋଜ କୁମାର କାର୍ଜିଙ୍କୁ ଯୋଗାଯୋଗ କରାଯାଇଥିଲେ ମଧ୍ୟ ତାହା ସମ୍ଭବ ହୋଇପାରିନାହିଁ। ଅନ୍ୟପକ୍ଷେ ଠକୁରମୁଣ୍ଡା ଥାନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିଥିଲେ ମଧ୍ୟ ମହିଳାମାନେ ନିଜ ଜିଦ୍‌ରେ ଅଟଳ ରହିଛନ୍ତି।

## ବିଜୁ ଯୁବ ଜନତା ଦଳ ପକ୍ଷରୁ ରକ୍ତଦାନ ଶିବିର; ୩୦ ୟୁନିଟ୍ ସଂଗ୍ରହ

ବଡସାହି, ୧।୩(ସମିସ): ବଡସାହି ବ୍ଲକ ଯୁବ ଜନତା ଦଳ ପକ୍ଷରୁ ଶାଳଗାଁ ପଞ୍ଚାୟତ ସୋରିଷକୋଠା ଗ୍ରାମରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଯୁବ ସଭାପତି ନିହାର ରଞ୍ଜନ ମହାପାତ୍ର ଓ ବ୍ଲକ ଯୁବ ସମ୍ପାଦକ ନିତ୍ୟାନନ୍ଦ ନାଥଙ୍କ ନେତୃତ୍ୱରେ ଜୀବନ ବିନ୍ଦୁ ଓ ଓଡ଼ିଶା ମୋ ପରିବାର ଆନୁକୂଲ୍ୟରେ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଥାନେଶ୍ୱରୀ ୟୁଥ କ୍ଲବ ସହଯୋଗ କରିଥିଲା। ଶିବିରରେ ୩୦ୟୁନିଟ ରକ୍ତ ସଂଗୃହୀତ ହୋଇଛି। ମୟୂରଭଞ୍ଜ ଜିଲ୍ଲା ସମବାୟ ସମିତିର ସଭାପତି



ତଥା ବଡସାହି ନିର୍ବାଚନମଣ୍ଡଳୀର ସଂଯୋଜକ ସୁବ୍ରମଣ୍ୟମ ମହାନ୍ତି ଶିବିର ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର, ବ୍ଲକ ଅଧକ୍ଷ୍ୟ ମିନତୀ ସିଂ, ବରିଷ୍ଠ ସଦସ୍ୟ ରବିନାରାୟଣ ପଣ୍ଡା, ଅନନ୍ତ ପଶା, ପଞ୍ଚାୟତ ସଭାପତି ପ୍ରଫୁଲ୍ଲ ମହାଳିକ, ଛାତ୍ର ସଭାପତି ରଣଜିତ ନନ୍ଦି, ସମିତି ସଭ୍ୟ ବିଶ୍ୱମ୍ଭର ବେହେରା, ଜିଲ୍ଲା ସମ୍ପାଦିକା ସୁଲେଚନା ରାଉତ ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ପ୍ରାରମ୍ଭରେ ୟୁଥ କ୍ଲବ ପକ୍ଷରୁ ଅତିଥିମାନଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ବାରିପଦା ବ୍ଲଡ ବ୍ୟାଙ୍କର ଡାକ୍ତର ଓ କର୍ମଚାରୀମାନେ ଶିବିରରେ ସହଯୋଗ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପଞ୍ଚାୟତ ପକ୍ଷରୁ ତପନ କୁମାର ଜେନା, ମୁକେଶ କୁମାର ମହାନ୍ତି, ନବକିଶୋର ଦାସ, ଆଲୋକ କୁମାର ପାଳ, ଚୈତନ୍ୟ ପାଳ, ଗୁଣାକର ପାଳ, ଆଶିଷ କୁମାର ତୁଙ୍ଗ, କାର୍ତ୍ତିକେଶ୍ୱର ରାଉତ, ରବୀନ୍ଦ୍ର ଜେନା, ଓ ରାଜକିଶୋର ସାସମଲ ପ୍ରମୁଖ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ।

## ଗାଁରେ ପହଞ୍ଚିଲା କନିଷ୍ଠ ଯନ୍ତ୍ରୀଙ୍କ ମୃତଦେହ

କୁଳିଅଣା, ୧।୩(ସମିସ): ଚାନ୍ଦୁଆ ଥାନା ଅନ୍ତର୍ଗତ ମାରାଂତାଣ୍ଡି ପଞ୍ଚାୟତ ଝିନେଇ ଗ୍ରାମର ଯୁବ ଯନ୍ତ୍ରୀଙ୍କ ମୃତଦେହ ଗାଁରେ ପହଞ୍ଚିବା ପରେ ଶୋକ ପ୍ରକାଶ ପାଇଛି। ପ୍ରଦୀପ କୁମାର ଘୋଷ ବୌଦ୍ଧ ଜଳ ସମ୍ପଦ ବିଭାଗର କନିଷ୍ଠ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ବୁଧବାର ଅପରାହ୍ନରେ ସେ ନିଜ ସରକାରୀ ବାସ ଭବନରେ ଫାଶି ଲଗାଇ ଆତ୍ମହତ୍ୟା କରିଥିଲେ। ପୁଲିସ ପହଞ୍ଚି ପରିବାର ଲୋକଙ୍କୁ ଖବର ଦେଇଥିଲେ। ଖବର ପାଇ ଆତ୍ମୀୟ ସ୍ୱଜନ ସେଠାରେ ପହଞ୍ଚି ଶବ ବ୍ୟବଚ୍ଛେଦ ପରେ ଘରକୁ ମରଶରୀର ଆଣିଥିଲେ। ପରେ ଗାଁରେ ଶୋକାକୁଳ ପରିବେଶରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସେ



ଘରର ଏକମାତ୍ର ରୋଜଗାରିଆ ପୁଅ ଥିଲେ। ଗାଁର ସୁନା ପୁଅକୁ ହରାଇ ପୂରା ଗାଁ ସ୍ତବ୍ଧ। ତେବେ ଏହା ଆତ୍ମହତ୍ୟା ନା ହତ୍ୟା ଏବେ ବି ଅସ୍ପଷ୍ଟ ରହିଛି। ଶବ ବ୍ୟବଛେଦ ରିପୋର୍ଟ ଆସିବା ପରେ ସତ୍ୟତା ଜଣାପଡ଼ିବ। ପୁଲିସ ଘଟଣାର ତଦନ୍ତ ଚଳାଇଛି।

## ଅଧ୍ୟାପକଙ୍କ ଅକାଳ ବିୟୋଗ

କରଞ୍ଜିଆ, ୧।୩(ସମିସ): କରଞ୍ଜିଆ ବ୍ଲକ କଳାକାଦସ୍ଥିତ ଏସ୍‌ଏସ୍‌ଆଇଟି ପଲିଟେକନିକର ଇଲେକ୍ଟ୍ରିକାଲ ବିଭାଗର ଯୁବ ଅଧ୍ୟାପକ କ୍ରିଷ୍ଣା ମହାନ୍ତ (୨୮)ଙ୍କ ଗୁରୁବାର ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ଅକାଳ ବିୟୋଗ ଘଟିଛି। ଗତ ୨୧ ତାରିଖରେ ତାଙ୍କର ମୁଣ୍ଡବ୍ୟଥା ହେବାରୁ ତାଙ୍କୁ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। କିଛିଦିନ ଚିକିତ୍ସିତ ହେବା ସମୟରେ ସ୍ୱାସ୍ଥ୍ୟ ଅବସ୍ଥାରେ ପରିବର୍ତ୍ତନ ଦେଖାଯାଇ ନ ଥିଲା। ଫଳରେ ଗତକାଲି ତାଙ୍କର ପରଲୋକ ହୋଇଯାଇଛି। ସେ ଅବସରପ୍ରାପ୍ତ ଶିକ୍ଷକ ଖୁଦୁରାମ ମହାନ୍ତ ଓ ମାତା ଶିକ୍ଷୟିତ୍ରୀ ଶଙ୍କରୀ ମହାନ୍ତଙ୍କର ଏକମାତ୍ର ପୁତ୍ର। ଏକମାତ୍ର ପୁଅକୁ ହରାଇଥିବାରୁ ପରିବାରରେ ଶୋକର ବାତାବରଣ ସୃଷ୍ଟି ହୋଇଛି। ନିଜ ଗାଁ କୁସୁମୀ ବ୍ଲକ ଅନ୍ତର୍ଗତ ବାସିଲାରେ



ପିଲାଟିଦିନରୁ ମେଳାପି ଓ ପରୋପକାରୀ ଯୁବକ ଥିଲେ। ତାଙ୍କ ବିୟୋଗରେ ଶିକ୍ଷାନୁଷ୍ଠାନର ଡାଇରେକ୍ଟର ଇଂ ଉପାଲି ଉପମିତା ପ୍ରଧାନ, ପ୍ରିନ୍ସିପାଲ୍ ମାନସ କୁମାର ବାସ୍କେ, ଅଧ୍ୟାପକ ଯୁଧିଷ୍ଠିର ମହାନ୍ତଙ୍କ ସମେତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଏବଂ ସ୍ଥାନୀୟ ବାସିନ୍ଦା ଧନେଶ୍ୱର ସିଂ, ଶିକ୍ଷକ ମହେଶ୍ୱର ନାଏକ, ପ୍ରଶାନ୍ତ ନାୟକ, ମୁନା ନାଏକ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି। ପୈତୃକ ଗାଁ ବାସିଲାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଯାଇଛି।

### ଜମୁଛି ଉଦଳାର ପ୍ରସିଦ୍ଧ ସରସ୍ୱତୀ ମେଳା

# ମିଳୁନି ପାରମ୍ପରିକ ସାମଗ୍ରୀ; ଖାଦ୍ୟଷ୍ଟଲରେ ପ୍ରବଳ ଭିଡ଼

ଉଦଳା, ୧।୩(ସମିସ): ଉଦଳା ସହରରେ ରହିଛି ଓଡ଼ିଶାର ଏକମାତ୍ର ସରସ୍ୱତୀ ଦେବୀଙ୍କ ମନ୍ଦିର। ବହୁ ପୁରାତନ କାଳରୁ ଏହି ସରସ୍ୱତୀ ପୂଜା ହୋଇ ଆସୁଥିବା ବେଳେ ଏହାର କିମ୍ବଦନ୍ତୀ ମଧ୍ୟ ବେଶ ବଳିଷ୍ଠ। ପଞ୍ଚମୀ ତିଥିରେ ଏହି ପୂଜା ପାଳନ ହୋଇଆସୁଥିବାବେଳେ ଅଞ୍ଚଳରେ ଏହା ଏକ ପର୍ବ ବା ମହୋତ୍ସବଭାବେ ପରିଗଣିତ। ଏହି ପୂଜା ୧୨୦ ବର୍ଷ ଧରି ହୋଇଆସୁଥିବା ସହରର ମଧ୍ୟସ୍ଥଳରେ ଥିବା ଏହି ମନ୍ଦିର ବାଣୀପୀଠ ନାମରେ ପରିଚିତ। ପୌରାଣିକ ମତବାଦ ଅନୁଯାୟୀ ପାଣ୍ଡବଙ୍କ ଅଜ୍ଞାତବାସ ସମୟରେ ବିରାଟ ରାଜ୍ୟରେ ଲୁଚିଥିବା ଅର୍ଜୁନ ବୃହନଳା ବେଶରେ ଉତ୍ତରାଙ୍କୁ ନୃତ୍ୟ ଏହି ସ୍ଥାନରେ ଶିକ୍ଷା ଦେଇଥିବା ଜଣାଯାଏ। ଏପରିକି ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା ପୂର୍ବକ ନୃତ୍ୟଶିକ୍ଷା ଦେଉଥିବା ପୌରାଣିକ ମତବାଦରୁ ଜଣାଯାଏ। ପରବର୍ତ୍ତୀ ସମୟରେ ରାଜା ରାଜୁଡାମାନେ ମା'ଙ୍କ ପୂଜା କରିଆସୁଥିବା ବେଳେ ରାଜା ଶାସନ ପତନ ପରେ ଏହି ପୂଜାକୁ ସ୍ଥାନୀୟ କମିଟି ମାଧ୍ୟମରେ ପାଳନ କରାଯାଇଆସୁଛି। ଏହି କ୍ରମରେ ଚଳିତ ବର୍ଷ ସରସ୍ୱତୀ ମେଳା ପୂଜାର ଏକ ସପ୍ତାହ ପରେ ଆରମ୍ଭ ହୋଇ ଶିବରାତ୍ରି ପୂର୍ବ ଦିନ ସମାପ୍ତ ହେବ। ଏହି ମେଳା ଅଞ୍ଚଳର ସଂସ୍କୃତି ଓ ପରମ୍ପରାକୁ ଗୁରୁତ୍ୱ ଦେଇ ଦୀର୍ଘ ବର୍ଷ ହେଲା ପାରମ୍ପରିକ ସାମଗ୍ରୀର ପସରା ମେଲିଥା ଏ। ବିଭିନ୍ନ ରକମର ଦୋଳି, ଛୋଟପିଲାଙ୍କ ଖେଳନା ସହିତ ମନୋହରୀ ସାମଗ୍ରୀଠାରୁ ଆରମ୍ଭ କରି ବିଭିନ୍ନ ରାଜ୍ୟରୁ ଆସିଥିବା ବସ୍ତ୍ର, ଶଙ୍ଖ ଦୋକାନ, ନାରୀମାନଙ୍କ ପାଇଁ ବିଭିନ୍ନ ରକମର ସୌନ୍ଦର୍ଯ୍ୟ ପ୍ରସାଧନ, ଚାଷ ଓ ଚାଷୀମାନଙ୍କ ପାଇଁ ପାରମ୍ପରିକ



ଉପକରଣ, ଘର ଉପକରଣ ମସିଣାଠାରୁ ଶିଳ ପଥର, କପ କାଚ ଗ୍ଲାସ ଠାରୁ ମାଟି ଚୁଡି, ସୁସ୍ୱାଦୁ ଆଚାର ଠାରୁ ଅରମ୍ଭ କରି ବିଭିନ୍ନ ରାଜ୍ୟର ଖାଦ୍ୟ, ପିଲାଙ୍କ ପାଇଁ ବିଭନ୍ନ କିସମର ଘୁରାଣି, ମିକି ମାଉସ ଡିଆଁ ଏବଂ ସବୁଠାରୁ ଆକର୍ଷଣ ବେଲୁନ ଠାରୁ ମୁଖା, ବଇଁଶୀ, ଆଲୋକ ଯୁକ୍ତ ଖେଳନା ଏମିତି ଅନେକ କିସମର ସାମଗ୍ରୀ ଅକର୍ଷଣର କେନ୍ଦ୍ର ବିନ୍ଦୁ ସାଜିଛି ମେଳା ପରିସର। ଗତ ୨୫ ତାରିଖରୁ ଆରମ୍ଭ ହୋଇଥିବା ମେଳା ଏବେ ବେଶ ଜମିବାରେ ଲାଗିଛି। ସନ୍ଧ୍ୟା ହେଲେ ପ୍ରବଳ ଭିଡ ପରିଲକ୍ଷିତ ହେଉଛି। ତେବେ ମେଳାରେ ପାରମ୍ପରିକ ସାମଗ୍ରୀ କମ୍ ଦେଖିବାକୁ ମିଳିଛି। କେବଳ ଖାଦ୍ୟ ସାମଗ୍ରୀ ଷ୍ଟଲଗୁଡିକରେ ଲୋକଙ୍କ ଭିଡ ପରିଲକ୍ଷିତ ହେଉଛି। ଭେଲପୁରିଠାରୁ ଆରମ୍ଭ କରି ଚାଇନିଜ ଫାଷ୍ଟଫୁଡ୍, ଦୋଷା, ଚାଟ, ଗୁପଚୁପ ସହିତ ଆଇସକ୍ରିମ ବିଶେଷ କରି ମୁଡି ମାଂସର ଆସର ମେଳାକୁ ଅଧିକ ଅକର୍ଷିତ କରିଛି।



ସେହିପରି ବମ୍ବେଇ ଲଡୁ ପସରା ମେଳାକୁ ରଙ୍ଗୀନ କରି ରଖିଛି। ସୂଚନାଯୋଗ୍ୟ ଯେ, ଏହି ମେଳାରେ ଦୈନିକ ୩୦ ହଜାରୁ ଉର୍ଦ୍ଧ୍ୱ ସମାଗମ ହୋଇଥାଏ। ତେବେ କମିଟି ଓ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିବା ବେଳେ ପୁଲିସ ପକ୍ଷରୁ ସୁରକ୍ଷା କଡାକଡି କରାଯାଇଛି।

ସକାଳ THE SAKALA



www.sakalaepaper.com

# ଆର୍ଥିକ ଅନିୟମିତତା; ଚିଟ୍‌ଫଣ୍ଡ ସଂସ୍ଥା ମ୍ୟାନେଜରଙ୍କୁ ୩ ବର୍ଷ କାରାଦଣ୍ଡାଦେଶ

**ବାରିପଦା, ୧।୩(ସମିସ):** ବାଲେଶ୍ୱରସ୍ଥିତ ସ୍ୱତନ୍ତ୍ର ଚିଟ୍‌ଫଣ୍ଡ ଅଦାଲତ (ଓପିଆଇଡି)ର ସ୍ୱତନ୍ତ୍ର ବିଚାରପତି ବିଶ୍ୱଜିତ ଦାସ ଏକ ଆର୍ଥିକ ଅନିୟମିତତା ମାମଲାର ଶୁଣାଣି କରି ଜଣେ ଚିଟ୍‌ଫଣ୍ଡ ସଂସ୍ଥା ମ୍ୟାନେଜରଙ୍କୁ ୩ବର୍ଷ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୬୧ ହଜାର ଟଙ୍କାର ଜୋରିମାନା ପ୍ରଦାନ କରିବା ପାଇଁ ଆଦେଶ ଦେଇଛନ୍ତି। ଚିଟ୍‌ଫଣ୍ଡ ସଂସ୍ଥା ମ୍ୟାନେଜର ଜଣକ ହେଲେ ବାରିପଦା ଟାଉନ ଥାନା ଅନ୍ତର୍ଗତ ୱାର୍ଡ ନମ୍ବର ୧୦ କାଳୀମନ୍ଦିର ସାହି ଅଞ୍ଚଳ ନିମାଇଁ ଚରଣ ସାହୁ। ଅଭିଯୋଗ ଅନୁଯାୟୀ, ଦି ଉତ୍କଳ ଓମେନ୍ସ କୋଅପରେଟିଭ ସୋସାଇଟି ନାମକ ଏକ ସଂସ୍ଥା ବାରିପଦା ଟାଉନ ଥାନା ଅନ୍ତର୍ଗତ ତୁଳସୀଚଉରା ଅଞ୍ଚଳରେ ଖୋଲିଥିଲା। ସଂସ୍ଥା ଜରିଆରେ ଆର୍ଥିକ ଅନିୟମିତତା କରାଯାଇଥିଲା। ଏହି ସଂସ୍ଥାରେ ଟଙ୍କା ରଖିଲେ ୨ମାସ ମଧ୍ୟରେ ୨୦ ହଜାର ଟଙ୍କା ଋଣ ଦିଆଯିବ ବୋଲି କହି ଏକାଧିକ ଜମାକାରୀଙ୍କଠାରୁ ଅର୍ଥ ସଂଗ୍ରହ କରାଯାଇଥିଲା। ବାରିପଦାର ୱାର୍ଡ ନମ୍ବର ୧୦ ଅଞ୍ଚଳର ରଶ୍ମିତା ମିଶ୍ର ପ୍ରଲୋଭିତ ହୋଇ ଉକ୍ତ ସଂସ୍ଥାରେ ୨୦୧୩ ମସିହା ମେ ୧ତାରିଖରେ ୩୦୦ ଟଙ୍କା ଜମା କରିଥିଲେ। ପରେ ପୁଣି ବୀମା ବାବଦରେ ୭୦୦ ଟଙ୍କା ଜମା କରିଥିଲେ।

ତେବେ ପାସବୁକ୍ ନିମନ୍ତେ ସେ ସଂସ୍ଥା କାର୍ଯ୍ୟାଳୟରେ ଦେଖିଲା ବେଳକୁ ଉକ୍ତ ସଂସ୍ଥାରେ ତାଲା ପଡ଼ିଛି। ଏଥିପରେ ଅନେକ ମହିଳା ଏହିଭଳି ଠକେଇର ଶିକାର ହୋଇଥିବାର ନେଇ ସେ ଜାଣିବାକୁ ପାଇଥିଲେ। ପରେ ସଂସ୍ଥା ବିରୋଧରେ ଆର୍ଥିକ ଅନିୟମିତତା ଅଭିଯୋଗରେ ବାରିପଦା ଥାନାରେ ଗତ ୨୦୧୩ ମେ ୧୦ତାରିଖରେ ରଶ୍ମିତା ଲିଖିତ ଅଭିଯୋଗ କରିଥିଲେ। ଏନେଇ ବାରିପଦା ଟାଉନ ଥାନାରେ ପୁଲିସ ଏକ ଠକେଇ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଏହି ମାମଲା ବାଲେଶ୍ୱର ଚିଟ୍‌ଫଣ୍ଡ ଅଦାଲତରେ ବିଚାରାଧୀନ ଥିଲା। ଅଦାଲତର ସ୍ୱତନ୍ତ୍ର ବିଚାରପତି ୧୦ ଜଣଙ୍କର ସାକ୍ଷୀ ଓ ୧୮ଟି ଦସ୍ତାବିଜକୁ ଆଧାର କରି ସଂସ୍ଥାର ମ୍ୟାନେଜର ନିମାଇଁ ଚରଣ ସାହୁଙ୍କୁ ଉପରୋକ୍ତ ଦଣ୍ଡାଦେଶ ସହ ଜରିମାନା ଦେବାକୁ ରାୟ ପ୍ରଦାନ କରିଛନ୍ତି।

### ହୋରିଲାବେଦା ସେବାଶ୍ରମ ବିଦ୍ୟାଳୟରେ ଶିକ୍ଷକ ଅଭାବ

# ମାସକରେ ସମସ୍ୟା ସମାଧାନ ନ ହେଲେ ଆନ୍ଦୋଳନ

**ଜାମଦା, ୧।୩(ସମିସ)**

ବାମନଘଟି ଉପଖଣ୍ଡ ଜାମଦା ବ୍ଲକର ପାସନା ପଞ୍ଚାୟତ ହୋରିଲାବେଦା ସେବାଶ୍ରମ ବିଦ୍ୟାଳୟରେ ଶିକ୍ଷକ ଅଭାବ ଏବଂ ଦୁର୍ନୀତିକୁ ନେଇ ଏସ.ଏମ.ସି କମିଟି ଏବଂ ଗ୍ରାମବାସୀ ବିଡ଼ିଓଙ୍କୁ ଭେଟି ଏକ ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ଏହି ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଯାଏ ୧୮୦ ଜଣ ଛାତ୍ରଛାତ୍ରୀ ପଢୁଥିବାବେଳେ ମାତ୍ର ୪ ଜଣ ଶିକ୍ଷକ ରହିଛନ୍ତି। ଫଳରେ ପାଠପଢ଼ା ସମସ୍ତ ଶ୍ରେଣୀରେ ଠିକ୍‌ଭାବେ ହୋଇପାରୁନାହିଁ। ପ୍ରଧାନ ଶିକ୍ଷକ ରହିନ କୁମାର ମହାନ୍ତ ଏହି ବିଦ୍ୟାଳୟ ସହିତ ରାଇରଙ୍ଗପୁର ବ୍ଲକ ସୁଦର୍ଶନ ପଞ୍ଚାୟତ ଧାଡିକିଡିହି ଆଶ୍ରମ ବିଦ୍ୟାଳୟର ମଧ୍ୟ ଦାୟିତ୍ୱରେ ରହିଛନ୍ତି। ଫଳରେ ହୋରିଲାବେଦା ଆଶ୍ରମ ବିଦ୍ୟାଳୟକୁ ଅଣଦେଖା ହେଉଛି। ସେ ମାସକରେ ୬/୭ ଦିନ ବିଦ୍ୟାଳୟକୁ ଆସୁଛନ୍ତି। ଏଠାକାର ଶିକ୍ଷକମାନେ ଛାତ୍ରଛାତ୍ରୀଙ୍କୁ ପଢ଼ାଇବା ପରିବର୍ତ୍ତେ ଗାଳିଗୁଲଜ ଏବଂ ମାଡମାରିବା ସହ ଅଭିଭାବକ ଆସିଲେ ଗେଟ ଆଉଟ ବୋଲି କହୁଥିବା ଅଭିଯୋଗ ହୋଇଛି। ୧୪୦ ଜଣ ଛାତ୍ରଛାତ୍ରୀ ଅନ୍ତେବାସୀ (ହଷ୍ଟେଲ)ରେ ରହୁଥିବା ବେଳେ ରାତିରେ ସୁପରିଣ୍ଟେଣ୍ଡେଣ୍ଟ ରହୁନାହାନ୍ତି। ତେଣୁ ଛାତ୍ରଛାତ୍ରୀ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି।
ଅନ୍ତେବାସୀଙ୍କୁ ସାରଣୀ ଅନୁସାରେ ଖାଦ୍ୟ ନଦେଇ ନିମ୍ନମାନର ଦିଆଯାଉଛି। ଏପରିକି ବିଦ୍ୟାଳୟ ଉନ୍ନତି କରଣ ପାଇଁ ଆସୁଥିବା ଅନୁଦାନ ରାଶିକୁ ବ୍ୟବହାର ନ କରି ମିଛ ୟୁସି ଦେଖାଇ ଆତ୍ମସାତ ହେଉଛି। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଦ୍ୟାଳୟ ପରିଦର୍ଶନ କରୁ ନ ଥିବା ଅଭିଯୋଗକୁ ନେଇ ଏସ.ଏମ.ସି କମିଟି ଚେୟାରମ୍ୟାନ ଜୟରାମ ସୋରେନ, ୯ ନ. ୱର୍ଡ ମେମ୍ବର ସ ପୂର୍ତ୍ତି, ପଦ୍ମ ପାତ୍ର, ରାଇବାରି ନାୟକ, ହିରମନି ହାଁସଦା, ଛିତ ହାଁସଦା, ଲଖିଣ ହାଁସଦା ପ୍ରମୁଖ ସମସ୍ତ ଗ୍ରାମବାସୀ ଜାମଦା ବିଡ଼ିଓଙ୍କୁ ଏକପତ୍ର ପ୍ରଦାନ କରିଛନ୍ତି। ଆଗାମୀ ମାସକ ଭିତରେ ଏହି ସମସ୍ୟାର ସମାଧାନ ନ ହେଲେ ଧାରଣାରେ ବସିବେ ବୋଲି ଏସ.ଏମ.ସି କମିଟି ଚେତାବନୀ ଦେଇଛି।

# ଟାଟାନଗରରୁ ବାଦାମପାହାଡ଼ ମେମୁ ରେଳସେବାର ଶୁଭାରମ୍ଭ



**ରାଇରଙ୍ଗପୁର, ୧।୩(ସମିସ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଝାଡଖଣ୍ଡର ସିନ୍ଦରିଠାରୁ ଟାଟାନଗର-ବାଦାମପାହାଡ ମେମୁ ରେଳସେବା, ଶିବପୁର ଷ୍ଟେସନରୁ ଲଙ୍ଗହାଁଲ ମାଲଗାଡି ଓ ଦେଓଘରରୁ ଡିବ୍ରୁଗଡ଼ ରେଳକୁ ସବୁଜ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ କେନ୍ଦ୍ରମନ୍ତ୍ରୀ ଅର୍ଜୁନ ମୁଣ୍ଡା ଓ ଝାଡଖଣ୍ଡ ମୁଖ୍ୟମନ୍ତ୍ରୀ ଚମ୍ପାଇ ସୋରେନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ୩ଟି ଟ୍ରେନ୍ ଶୁଭାରମ୍ଭ ଫଳରେ ଦେଶର ଅର୍ଥନୀତି, ବେପାର ବାଣିଜ୍ୟର ଉନ୍ନତି ହେବା ସହିତ ଭାରତ ଇତିହାସରେ ନୂଆ ଯୁଗର ଆରମ୍ଭ ହୋଇଛି ବୋଲି ପ୍ରଧାନମନ୍ତ୍ରୀ କହିଥିଲେ। ଏହି ଅବସରରେ ବାମନଘାଟୀ ଉପଖଣ୍ଡ ବାଦାମପାହାଡ ରେଳ ଷ୍ଟେସନ ନିକଟରେ ଏକ ସଭାର ଆୟୋଜନ ହୋଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ବିଧାୟକ ନବଚରଣ ମାଝୀ, ଯଶିପୁର ବିଧାୟକ ଗଣେଶ ରାମ ସିଂ ଖୁଣ୍ଟିଆ ଓ ବିଜେପି ରାଜ୍ୟ ସମ୍ପାଦକ ନବୀନ ରାମ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟାଳୟଅଧୀକ୍ଷକ ହରିହର ସେଠୀ ପରିଚାଳନା କରିଥିଲେ। ଦୀର୍ଘଦିନ ଧରି ରାଇରଙ୍ଗପୁରବାସୀଙ୍କ ଦାବି ପୂରଣ ହୋଇଥିବାରୁ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

# ଜିଲ୍ଲାସ୍ତରୀୟ ଅନ୍ତର୍ଜାତୀୟ ହ୍ୱିଲ୍ ଚେୟାର ଦିବସ ପାଳିତ



**ବାରିପଦା, ୧।୩(ସମିସ):** ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ, ସାମାଜିକ ସୁରକ୍ଷା ଏବଂ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମିଳିତ ଆନୁକୂଲ୍ୟରେ ଶୁକ୍ରବାର ଲକ୍ଷ୍ମୀପୋଷି ସ୍ଥିତ ସ୍ୱତନ୍ତ୍ର ବିଦ୍ୟାଳୟରେ ଅନ୍ତର୍ଜାତୀୟ ହ୍ୱିଲ୍ ଚେୟାର ଦିବସ ପାଳିତ ହୋଇଯାଇଛି। ସମାରୋହରେ ସଭାପତି ଭାବେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା ଯୋଗ ଦେଇଥିବା ବେଳେ ମୁଖ୍ୟଅତିଥି ଭାବେ ଡଃ ପ୍ରଫେସର ମିନତୀ ମିଶ୍ର, ସମ୍ମାନିତ ଅତିଥି ଭାବେ ମନୋରଞ୍ଜନ ଜେନା, ମୁଖ୍ୟବକ୍ତା ଭାବେ ବିଜୟ କୁମାର ବେହେରା ଓ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ପ୍ରମୁଖ ମଞ୍ଚାସୀନ ଥିଲେ। ଦିବ୍ୟାଙ୍ଗଙ୍କ ଅଧିକାର ତଥା କଲ୍ୟାଣକୁ ଆଗକୁ ବଢ଼ାଇବା ପାଇଁ ଜିଲ୍ଲା ପ୍ରଶାସନ ପ୍ରତିଶ୍ରୁତିବଦ୍ଧ। ଦିବ୍ୟାଙ୍ଗଙ୍କ ସାମାଜିକ ସୁରକ୍ଷା ଏବଂ ସଶକ୍ତିକରଣ ନିମନ୍ତେ ସମସ୍ତ ଅଂଶଗ୍ରହଣକାରୀ ଏବଂ ସମର୍ଥକମାନଙ୍କୁ ଅଧିକ ଅନ୍ତର୍ଭୁକ୍ତି କରିବା ତଥା ସୁବିଧାଜନକ ପରିବେଶ ସୃଷ୍ଟି ପାଇଁ ଅନେକ ଯୁଗାନ୍ତକାରୀ ପଦକ୍ଷେପ ନିଆଯାଇଛି। ଦିବ୍ୟାଙ୍ଗଙ୍କୁ ସଶକ୍ତ କରିବାରେ ସଭିଙ୍କର ମିଳିତ ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଦିବ୍ୟାଙ୍ଗଙ୍କୁ ସମାଜର ସବୁ ସ୍ତରରେ ସାମାଜିକ ସୁରକ୍ଷା ଯୋଗାଇ ଦେଇ ସେମାନଙ୍କୁ ସ୍ୱାବଲମ୍ବୀ କରାଇବା ବର୍ତ୍ତମାନର ସବୁଠାରୁ ବଡ ଆବଶ୍ୟକତା ବୋଲି ସଭାପତି ଶ୍ରୀ ବେହେରା ବକ୍ତବ୍ୟ ରଖିଥିଲେ। ବିଜୟ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏହି ଅବସରରେ ୨୬ଜଣ ହିତାଧିକାରୀଙ୍କୁ ସମ୍ମାନିତ କରାଯାଇଥିବା ବେଳେ ଜଣେ ଦିବ୍ୟାଙ୍ଗ ବିବାହିତା ଦମ୍ପତିଙ୍କୁ ବିବାହ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଶେଷରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ସକାଳ ସାଢେ ଆଠଟାରେ ଏକ ସଚେତନତା ରାଲିର ଆୟୋଜନ କରାଯାଇଥିଲା। ଏହି ରାଲିକୁ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ନାରାୟଣ ବେହେରା ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅବିନାଶ ପାଣି ଉଦଘାଟନ କରିଥିଲେ।

# ସିପିଏଲ୍ ଦିବାରାତ୍ର ପ୍ରିମିୟର୍ ଲିଗ୍ ପାଇଁ ଖେଳାଳି ନିଲାମ ଶେଷ

**ବାରିପଦା, ୧।୩(ସମିସ):** ବାରିପଦା ଷ୍ଟାଡିୟମ ସମ୍ମିଳନୀ କକ୍ଷରେ ଚଳିତ ମାସ କଲେଜ ଫିଲ୍‌ଡ ବୋଏଜଙ୍କ ଆନୁକୂଲ୍ୟରେ ଅନୁଷ୍ଠିତ ହେବାକୁ ଥିବା ୮ମ ବାର୍ଷିକ ସର୍ବଭାରତୀୟ କଲେଜ ଫିଲ୍‌ଡ ପ୍ରିମିୟର ଲିଗ (ସିପିଏଲ) ପାଇଁ ଖେଳାଳି ନିଲାମ ଶେଷ ହୋଇଛି। ୧୦-୧୦ ଓଭର ବିଶିଷ୍ଟ ଟେନିସ ବଲରେ ଖେଳା ଯିବାକୁ ଥିବା ଏହି ଦିବାରାତ୍ର ଟୁର୍ଣ୍ଣାମେଣ୍ଟରେ ୯ଟି ଦଳ ଅଂଶ ଗ୍ରହଣ କରୁଛନ୍ତି ବୋଲି ଆୟୋଜକ କମିଟିର ସମ୍ପାଦକ ନଗରପାଳ କୃଷ୍ଣାନନ୍ଦ ମହାନ୍ତି ସୂଚନା ଦେଇଛନ୍ତି। ପ୍ଲେ ବ୍ୟାକ ଚ୍ୟାଲେଞ୍ଜର୍ସର ଆଇକନ ଖେଳାଳି ଆଦିତ୍ୟ ବସା ହୋଇଥିବା ବେଳେ ଭି ରୋରର ରିତୁନ ମହାନ୍ତି, ଏମଜେ ଡବୁର ସଞ୍ଜୀବ ମହାପାତ୍ର, ଜଗନ୍ନାଥ ୱାରିୟର୍ସର ସୁଧାକର ନାଏକ, ସ୍ମାର୍ଟନ ଆର୍ମିର ମେରି ଲୋକନାଥ, ମା' ହିଙ୍ଗୁଳା ଫାଇଟର୍ସର ଶୁଭେନ୍ଦୁ ଦାସ, ଲାଲବଜାର ଫାଇଟର୍ସର

● **ପ୍ରୀତିଦେବ ସବୁଠୁ ଦାମୀ ଖେଳାଳି**

ଅନୁପ ପରିଡ଼ା, ମୟୂରଭଞ୍ଜ ଷ୍ଟ୍ରାଇକର୍ଷର ପ୍ରୀତମ ବେହେରା ଓ ଏସଏଏ ରୟାଲ ଥ୍ରିଲର୍ସର ଶଙ୍କର ସାହୁ ପ୍ରମୁଖ ରହିଛନ୍ତି। ପ୍ରତ୍ୟେକ ଦଳରେ ଜିଲ୍ଲା ବାହାରୁ ଜଣେ ଷ୍ଟାର ଖେଳାଳି ରହିବା ଅନିବାର୍ଯ୍ୟ ବୋଲି ଉପସଭାପତି ସଞ୍ଜୀବ ଦ୍ୱିବେଦୀ ଜଣାଇଛନ୍ତି। ଚାମ୍ପିଅନ ଦଳକୁ ୮୦ ହଜାର ଟଙ୍କା, ଟ୍ରଫି ଏବଂ ରନର୍ସ ଅପ ଦଳକୁ ୬୦ ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯିବ ବୋଲି ଟୁର୍ଣ୍ଣାମେଣ୍ଟର ଅଧ୍ୟକ୍ଷ ଗିରିଶ ଚନ୍ଦ୍ର ଦାସ ପ୍ରକାଶ କରିଛନ୍ତି। ଖେଳାଳି ନିଲାମ ପ୍ରକ୍ରିୟା ବେଳେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାର୍ଣ୍ଡି, ଭଞ୍ଜସେନାର ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଓ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରତ୍ୟେକ ନିଜ ଦଳ ପାଇଁ ୧୫ ଜଣ ଲେଖାଏଁ ଖେଳାଳି କ୍ରୟ କରିଥିବା ବେଳେ ଜଗନ୍ନାଥ ୱାରିୟର୍ସ ପ୍ରୀତିଦେବ ଜେନାଙ୍କୁ ୧୦ ହଜାର, ମୟୂରଭଞ୍ଜ ଷ୍ଟ୍ରାଇକର୍ଷ ଶୁବାଶିଷ ଦେଙ୍କୁ ୮ ହଜାର ୧୦୦ ଓ ପ୍ଲେ ବ୍ୟାକ ଚାଲେଞ୍ଜର୍ସ ଯଶୋବନ୍ତ ମାଝୀଙ୍କୁ ୬ ହଜାର ୯୦୦ ଟଙ୍କାରେ କ୍ରୟ କରିଛନ୍ତି।

# ନୂତନ ଜିଲ୍ଲାପାଳଙ୍କ କାର୍ଯ୍ୟରେ ଯୋଗଦାନ

**ବାରିପଦା, ୧।୩(ସମିସ):** ମୟୂରଭଞ୍ଜ ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେଧ ଶୁକ୍ରବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। କାର୍ଯ୍ୟଭାର ଗ୍ରହଣ କରିବା ପରେ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି। ପୂର୍ବ ଜିଲ୍ଲାପାଳ ଆଶିଷ ଠାକରେଙ୍କ ବାଲେଶ୍ୱର ଜିଲ୍ଲାପାଳ ଭାବେ ବଦଳି ହେବା ପରେ ତାଙ୍କ ସ୍ଥାନରେ ଶ୍ରୀ ସିନ୍ଦେଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ଯୋଗଦାନ ସମୟରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଭୂତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ (ରାଇରଙ୍ଗପୁର) ଦୌଲତ ଚନ୍ଦ୍ରକାର, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ବାରିପଦା ଡେପୁଟି କଲେକ୍ଟର (ଇଲେକ୍ସନ) ଦୁର୍ଗାଚରଣ ମୁର୍ମୁ, ଡେପୁଟି କଲେକ୍ଟର ଶୁଭଙ୍କରୀ ସୁଦେସ୍ନା ଦାଶ, ଡେପୁଟି କଲେକ୍ଟର ତଥା ଜିଲ୍ଲା ଜରୁରୀକାଳୀନ ସୁଶ୍ରୀ ଶ୍ରଦ୍ଧା ସୁମନ, ବାରିପଦା ଡେପୁଟି କଲେକ୍ଟର ଅନିଲ କୁମାର ମହାନ୍ତି, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅବିନାଶ ପାଣି, ପର୍ଯ୍ୟଟନ ଅଧିକାରିଣୀ ସତ୍ୟଭାମା ବେହେରା, ଜିଲ୍ଲା ସଂସ୍କୃତି ଅଧିକାରୀ ଅନନ୍ତ ମୋହନ ସେଠୀ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ଜିଲ୍ଲାପାଳ ସମସ୍ତ ଅଧିକାରୀଙ୍କ ସହିତ କଥୋପକଥନ ପରେ ସେ ସହଯୋଗିତା ଏବଂ ସହଭାଗିତାରେ କାର୍ଯ୍ୟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଜଣେ ଦକ୍ଷ ପ୍ରଶାସକ ଭାବେ ଶ୍ରୀ ସିନ୍ଦେ ବେଶ ପରିଚିତ। ତାଙ୍କର ଅନୁଭବ ଦ୍ୱାରା ମୟୂରଭଞ୍ଜ ଜିଲ୍ଲାର ସମସ୍ତ ଉନ୍ନତିମୂଳକ କାର୍ଯ୍ୟ ସୁଚାରୁ ରୂପେ କରିବେ ବୋଲି ସମସ୍ତ ଜିଲ୍ଲାବାସୀ ଆଶା ପ୍ରକାଶ କରିଛନ୍ତି।



# ଜୀବନବିନ୍ଦୁ ପକ୍ଷରୁ ରକ୍ତଦାନ ଶିବିର



**କୁଆମରା/ଖୁଣ୍ଟା, ୧।୩(ସମିସ):** ଗୋପବନ୍ଧୁ ନଗର ବ୍ଲକ ଜୟପୁର କଲ୍ୟାଣ ମଣ୍ଡପରେ ଜୀବନବିନ୍ଦୁ ପରିବାର ପକ୍ଷରୁ ଆଜି ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ, ପୂର୍ବତନ ଉଦଳା ଏନ୍‌ଏସ୍‌ସି ଅଧ୍ୟକ୍ଷ ମନୋଜ ମହାନ୍ତି, ଜୀବନବିନ୍ଦୁ ସଂଯୋଜକ ଅମୀୟ ବଳ, ବିଜୁ ଜନତା ଦଳ ଜିଲ୍ଲା ସମ୍ପାଦକ ମାନସ ମହାରଣା, ଯୁବ ନେତା ସନାତନ ନାୟକ, ବନମାଳୀ ବେହେରା, ଜିବି ନଗର ବ୍ଲକ ବିଜେଡି ଯୁବ ସଭାପତି ତପନ ମହାନ୍ତି, ବିଜେଡି ଜିଲ୍ଲା ଯୁବ ସମ୍ପାଦକ ମଣ୍ଟୁ ସାହୁ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ଉଦଳା ରକ୍ତ ଭଣ୍ଡାରରୁ ଡଃ ଖଗେଶ୍ୱର ସିଂହ, ଶ୍ରବଣ କୁମାର ବେହେରା, କୃଷ୍ଣ ଚନ୍ଦ୍ର ମାରାଣ୍ଡି, କମଳ ନାଏକ, ଅଜିତ ସିଂ, ମାନସ ରଞ୍ଜନ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଶିବିରରୁ ୭୬ ୟୁନିଟ ରକ୍ତ ସଂଗୃହୀତ ହୋଇଥିଲା।

# ବିଜୁ ପଟ୍ଟନାୟକ ସ୍ମାର୍ଟପାର୍କ ଲୋକାର୍ପିତ




**କରଞ୍ଜିଆ, ୧।୩(ସମିସ):** କରଞ୍ଜିଆକୁ ରାଜ୍ୟ ସରକାର ପୌର ପରିଷଦ ଘୋଷଣା କରିବା ପରେ ଶୁକ୍ରବାର ପ୍ରଥମ ଉଦଘାଟନ ଉତ୍ସବ ବିଜୁ ପଟ୍ଟନାୟକ ସ୍ମାର୍ଟ ପାର୍କରୁ ଆରମ୍ଭ ହୋଇଛି। ଲକ୍ଷାଧିକ ଟଙ୍କା ବ୍ୟୟ ଅଟକଳରେ କରଞ୍ଜିଆ ରାଜାବନ୍ଧ ନିକଟ ୱାର୍ଡ଼ ନମ୍ବର ୪ଠାରେ ପୌର ପାଳିକା ତରଫରୁ ନିର୍ମିତ ବିଜୁ ପଟ୍ଟନାୟକ ସ୍ମାର୍ଟ ପାର୍କକୁ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଲୋକାର୍ପିତ କରାଯାଇଛି। ଆଜି ସକାଳ ୧୦ଟାରେ ଏକ ମନୋଜ୍ଞ ପରିବେଶ ମଧ୍ୟରେ ପୌରାଧ୍ୟକ୍ଷା ପପି ପୃଷ୍ଟିଙ୍କ ପୌରୋହିତ୍ୟରେ ଉଦ୍‌ଘାଟନୀ ଉତ୍ସବ ଆୟୋଜିତ ହୋଇଥିଲା। ଏଥିରେ ମହିଳା, ଶିଶୁ ବିକାଶ ଓ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ମୁଖ୍ୟ ଅତିଥି, ସାଂସଦ ଇଂ. ଇନ୍ଦ୍ରାଣୀ ମୁର୍ମୁ ସମ୍ମାନିତ ଅତିଥି ଓ ପୂର୍ବତନ ବିଧାୟକ ବିଜୟ ନାୟକ ଅନ୍ୟତମ ଅତିଥିଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ, ସମସ୍ତ କାଉନସିଲ ସଦସ୍ୟ, ସାମ୍ବାଦିକ, କର୍ମଚାରୀ ଜନସାଧାରଣ ଯୋଗ ଦେଇଥିଲେ। ସୌଭାଗ୍ୟ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ପୂର୍ବତନ ଅଧ୍ୟକ୍ଷ ଗିରିଧାରୀ ପୃଷ୍ଟି, ବିଜୁ ସେତୁର ଉପଦେଷ୍ଟା ଦିଲ୍ଲୀପ ସାହୁ, ରୋହିତ ପୃଷ୍ଟି ସମେତ ଅନେକ ଶୁଭେଚ୍ଛୁ ଏଥିପାଇଁ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଥିଲେ। ପାର୍କ ଭିତରେ ବିଜୁ ବାବୁଙ୍କ ଏକ ପୂର୍ଣ୍ଣାବୟବ ମୂର୍ତ୍ତି ନିର୍ମାଣ ପାଇଁ ଦାବି ହୋଇଥିଲା। ଏହି ପାର୍କ କରଞ୍ଜିଆ ଜନସାଧାରଙ୍କ ମନ ଓ ସ୍ୱାସ୍ଥ୍ୟକୁ ସୁସ୍ଥ ରଖିବ ବୋଲି ଅତିଥିମାନେ ମତ ଦେଇଥିଲେ। କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଳିତ କୁମାର ନାୟକ ସ୍ୱାଗତ ଭାଷଣ ଦେଇ କରଞ୍ଜିଆର ବିକାଶ ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ।

# ଦୀର୍ଘ ଦିନ ପରେ ଅଧୀକ୍ଷଣ ଯନ୍ତ୍ରୀ ପଦ ପୂରଣ

**କରଞ୍ଜିଆ, ୧।୩(ସମିସ):** କରଞ୍ଜିଆ ବ୍ଲକ ହାତୀବାରିଠାରେ ଦେଓ ନଦୀବନ୍ଧ ପ୍ରକଳ୍ପ ଅବସ୍ଥିତ। ଏଥିରେ କାର୍ଯ୍ୟ କରୁଥିବା ଅଧୀକ୍ଷଣ ଯନ୍ତ୍ରୀ ବିକ୍ରମ ମଲ୍ଲିକଙ୍କ ବଦଳି ପରେ ଏହି ପଦବୀ ଖାଲି ପଡ଼ିଥିଲା। ତେବେ ଦୀର୍ଘ ଦିନ ପରେ ଏହି ପଦବୀ ପୂରଣ ହୋଇଛି। ଅଧୀକ୍ଷଣ ଯନ୍ତ୍ରୀ ଭାବେ ଇଂ. ନାରାୟଣ ଦାସ ଯୋଗଦେଇଛନ୍ତି। ସେ ପୂର୍ବରୁ ସୁବର୍ଣ୍ଣରେଖା ପ୍ରକଳ୍ପରେ ଅଧୀକ୍ଷଣ ଯନ୍ତ୍ରୀ ଭାବେ କାର୍ଯ୍ୟ କରୁଥିଲେ। ଚାଷୀଙ୍କ ଉନ୍ନତି ଏବଂ ଚାଷୀ କିପରି ପାଣି ପାଇବ ସେଥିପ୍ରତି ଗୁରୁତ୍ୱ ଦେବେ ବୋଲି ସେ ପ୍ରକାଶ କରିଛନ୍ତି।

# ୩ ମାସ ହେଲା ଯୁବକ ନିଖୋଜ

**କୁଆମରା, ୧।୩(ସମସ):** କାମ କରିବାକୁ ଯାଇ ୩ ମାସ ହେଲା ଜଣେ ଯୁବକ ନିଖୋଜ ହୋଇଛନ୍ତି। ସେପଟେ ସ୍ୱାମୀଙ୍କ ଫେରିବା ବାଟକୁ ସ୍ତ୍ରୀ ଚାହିଁ ବସିଛନ୍ତି। ଏପରି ଏକ ଘଟଣା ଘଟିଛି ଖୁଣ୍ଟା ଥାନା ଅନ୍ତର୍ଗତ ବଡମାମୁଡିଆ ଗ୍ରାମରେ। ଗ୍ରାମର ମଙ୍ଗଲ ସିଂଙ୍କ ପୁଅ ଲକ୍ଷ୍ମୀଧର (୨୯) ବର୍ଷେ ତଳେ ଭୁବନେଶ୍ୱର ପଟିଆଠାରେ ଶ୍ରମିକ ଭାବେ କାମ କରୁଥିଲେ। ସେ ଗତ ନଭେମ୍ବର ୨୭ ତାରିଖରୁ ନିଖୋଜ ହୋଇଯାଇଥିବା ନେଇ ତାଙ୍କ ସ୍ତ୍ରୀ ବିଷ୍ଣୁପ୍ରୀୟା ପ୍ରଥମେ ଖୁଣ୍ଟା ଥାନାରେ ଜଣାଇଥିଲେ। ପରେ ସେ ଭୁବନେଶ୍ୱର ଇନଫୋସିଟି ଥାନାରେ ଅଭିଯୋଗ କରିଛନ୍ତି। ଘରର ଏକମାତ୍ର ରୋଜଗାରିଆ ପୁଅ ଥିଲେ ଲକ୍ଷ୍ମୀଧର। ତାଙ୍କ ରୋଜଗାରରେ ପରିବାର ଚଳୁଥିଲା। ନିଖୋଜ ପରେ ପରିବାର ଲୋକେ ଅସହାୟ ହୋଇପଡ଼ିଛନ୍ତି।

# ବର୍ଷିୟାନ ଚାଷୀଙ୍କ ଦେହାନ୍ତ

**ବେତନଟୀ, ୧।୩(ସମିସ):** ବେତନଟୀ ଅଞ୍ଚଳର ପ୍ରତିଷ୍ଠିତ ତଥା ସଫଳ ବର୍ଷିଆନ ଚାଷୀ ହରିହର ନାୟକ(୯୨ଙ୍କ ଶୁକ୍ରବାର ସଠିଲୋ ବାସଭବନରେ ପରଲୋକ ହୋଇଯାଇଛି। ଜୀବନର ଶେଷ ସମୟ ପର୍ଯ୍ୟନ୍ତ ସେ ବେଶ ଚଳଚଞ୍ଚଳ ଥିଲେ। ସ୍ୱାସ୍ଥ୍ୟବସ୍ଥାରେ ଅବନତି ଦେଖାଦେବାରୁ ସପ୍ତାହେ ପୂର୍ବରୁ ବାରିପଦା ଜିଲ୍ଲାମୁଖ୍ୟଡାକ୍ତରଖାନାରେ ଚିକିତ୍ସାଧୀନ ଥିଲେ। ଶୁକ୍ରବାର ଅପରାହ୍ନରେ ତାଙ୍କ ବାସଭବନରେ ପରଲୋକ ହୋଇଛି। ମୃତ୍ୟୁଶଯ୍ୟା ନିକଟରେ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ଗାଁ ସ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିବା ବେଳେ ପୁଅ ରଜନୀକାନ୍ତ ନାୟକ ମୁଖାଗ୍ନି ଦେଇଥିଲେ। ସେ ଜଣେ ସଫଳ ଧାନ ଏବଂ ମାଛଚାଷୀ ଭାବରେ ତାଙ୍କର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ।

# ହେମନ୍ତ ସୋରେନଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଜେଏମ୍‌ଏମ୍‌ର ଶୋଭାଯାତ୍ରା

**ବିଶୋଇ, ୧।୩ (ସମିସ):** ଝାଡ଼ଖଣ୍ଡର ପ୍ରାକ୍ତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନଙ୍କୁ ନ୍ୟାୟ ଦାବିରେ ଜେଏମ୍‌ଏମ୍ ପକ୍ଷରୁ ଆଜି ବିଶୋଇଠାରେ ଏକ ବିଶାଳ ଶୋଭାଯାତ୍ରା ବାହାରିଥିଲା। ଏହି ଅବସରରେ କର୍ମୀମାନେ ପ୍ରଧାନମନ୍ତ୍ରୀଙ୍କ କୁଶପୁତ୍ତଳିକା ଦାହ କରିଥିଲେ। ବ୍ଲକ ସମ୍ପାଦକ ମଙ୍ଗଲ ମୁର୍ମୁଙ୍କ ନେତୃତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ରାଜ୍ୟ ସଭାନେତ୍ରୀ ଅଞ୍ଜନୀ ସୋରେନ ମୁଖ୍ୟଅତିଥି ଭାବରେ ଯୋଗଦେଇ ନୂତନ କାର୍ଯ୍ୟାଳୟକୁ ଉଦଘାଟନ କରିଥିଲେ। ତାଙ୍କ ସହିତ ରାଜ୍ୟ ଉପସଭାପତି ଶ୍ୟାମଚରଣ କିସ୍କୁ, ସାଧାରଣ ସମ୍ପାଦକ ଦୁବରାଜ ନାଗ, ସାଂଗଠନିକ ସଚିବ ସାଲୁ କିସ୍କୁ, ରାଜ୍ୟ କମିଟି ସଦସ୍ୟ ପଦ୍ମଲୋଚନ ଟୁଡୁ, ଜିଲ୍ଲା ପରିଷଦ ସଦସ୍ୟା ମିନା ସୋରେନ, ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ଜିଲ୍ଲା ପରିଷଦ ସଦସ୍ୟ ଶିତଲ କିସ୍କୁ ସମେତ ଶତାଧିକ କର୍ମୀ ବଜାର ପରିକ୍ରମା କରିଥିଲେ। କର୍ମୀମାନେ କେନ୍ଦ୍ରସରକାରଙ୍କ ବିରୋଧରେ ନାରାବାଜି ଦେଇଥିଲେ। ଆଦିବାସୀ ନେତା ହେମନ୍ତ ସୋରେନଙ୍କ ବିରୋଧରେ ଅନ୍ୟାୟ କରାଯିବା ଘୋର ନିନ୍ଦନୀୟ ଘଟଣା ବୋଲି ଅଞ୍ଜନୀ କହିଥିଲେ।

### ଜିଲ୍ଲାସ୍ତରୀୟ ପଡ଼ୋଶୀ ଯୁବ ସଂସଦ-୨୦୨୪

# ଦେଶ ଗଠନରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

**ବାରିପଦା, ୧।୩ (ସମିସ)**




ନେହରୁ ଯୁବ କେନ୍ଦ୍ର (ଏନଆଇକେ) ସଂଗଠନ ପକ୍ଷରୁ ଜିଲ୍ଲାସ୍ତରୀୟ ପଡୋଶୀ ଯୁବ ସଂସଦ ସହିଦ ସ୍ମୃତି ଭବନରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଯୁବ ଅଫିସର ଏମ. ଭିଗନେସ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ର ରାଷ୍ଟ୍ରମନ୍ତ୍ରୀ ଇଂ ବିଶେଶ୍ୱର ଟୁଡୁ, ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଜିଲ୍ଲା ନିଯୋଜନ ଅଧିକାରୀ ଆଶିଷ କୁମାର ବସନ୍ତିଆ ଜିଲ୍ଲା କୃଷି ବିଜ୍ଞାନ କେନ୍ଦ୍ର-୧ର ମୁଖ୍ୟ ବୈଜ୍ଞାନିକ ଡ଼ଃ ସଂଘମିତ୍ରା ପଟ୍ଟନାୟକ, ଗଡ଼ିଆ ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ସନ୍ଦୀପ କୁମାର ଚାନ୍ଦ, ନେହରୁ ଯୁବ କେନ୍ଦ୍ରର ଏପିଏସ ଅଶୋକ କୁମାର ସାହୁ ଓ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ଅଧିକାରୀ ଡ଼ଃ ଅନାମ ଚରଣ ରାଉଳ ପ୍ରମୁଖ ଯୋଗ ଦେଇ ଯୁବବର୍ଗଙ୍କୁ ଉତ୍ସାହିତ କରିଥିଲେ। କେନ୍ଦ୍ରମନ୍ତ୍ରୀ ଇଂ. ଟୁଡୁ ଯୁବପିଢିଙ୍କୁ ଉତ୍ସାହିତ କରିବା ସହିତ ଆଜିର ଯୁବପିଢି ଦେଶର ଆଗାମୀ ଭବିଷ୍ୟତ। ଦେଶ ଗଠନରେ ଯୁବକଙ୍କ ଭୂମିକା ଅତି ଗୁରୁତ୍ୱପୂର୍ଣ୍ଣ। ତେଣୁ କିଭଳି ଯୁବପିଢି ଆଗକୁ ବଢ଼ିପାରିବେ ସେ ନେଇ ବକ୍ତବ୍ୟ ରଖିଥିଲେ। ଅନ୍ୟ ଅତିଥିମାନେ ଯୁବକମାନଙ୍କ ଉତ୍ସାହ, ସାହସ, ସୃଜନଶୀଳତା ସମାଜକୁ ଅନୁପ୍ରାଣିତ କରିବା ସହ ଦିଗଦର୍ଶନ ଦେଇଥାଏ ବୋଲି କହିଥିଲେ। ଏଥିପାଇଁ ବିକଶିତ ଭାରତର ନିର୍ମାଣରେ ଯୁବଶକ୍ତିଙ୍କ ଏକଜୁଟ କରିବାର ବଡ ସୁଯୋଗ ଦେଇଛି। କିଭଳି ଆଗକୁ ଯୁବବର୍ଗ ନିଯୁକ୍ତି ପାଇପାରିବେ ସେ ବିଷୟରେ ମଧ୍ୟ ଧାରଣା ପ୍ରଦାନ କରିଥିଲେ।

ଏହି କାର୍ଯ୍ୟକ୍ରମ ମୟୂରଭଞ୍ଜ ଜିଲ୍ଲାର ୨୬ଟି ବ୍ଲକରୁ ବିଭିନ୍ନ କଲେଜ, ଯୁବ ଅନୁଷ୍ଠାନର ଯୁବକ ଯୁବତୀ ଅଂଶ ଗ୍ରହଣ କରିଥିଲେ। ବିକଶିତ ଭାରତ-୨୦୪୭ ଗଠନ ନେଇ ୪ଟି ପର୍ଯ୍ୟାୟର ଏକ ଆଲୋଚନା ଗବେଷକଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା। ପ୍ରତିଭାବାନ ଯୁବଶକ୍ତିଙ୍କ ପ୍ରତିଭାର ପରିସ୍ଫୁଟନ କରିବା ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟ ଅନୁଷ୍ଠିତ ହୋଇଥିଲା।

ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ଯୁବ ପ୍ରତିଭାଙ୍କୁ ଅତିଥିମାନେ ସମ୍ମାନିତ କରିଥିଲେ। ଜାତୀୟ ଯୁବ ଉତ୍ସବରେ ଚିତ୍ରାଙ୍କନରେ ସର୍ବଭାରତୀୟ ସ୍ତରରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଜ୍ୟୋତିରଞ୍ଜନ ମହାପାତ୍ର, ସକ୍ରିୟ ସ୍ୱେଚ୍ଛାସେବୀ କିରଣ କୁମାର ମହାନ୍ତ, ସାମାଜିକ କର୍ମୀ କୁମାରେଶ ନାୟକ, ଜାତୀୟ ତିରନ୍ଦାଜ ପ୍ରତିଯୋଗିତାରେ ଇଷ୍ଟ ଜୋନରେ ପ୍ରଥମ ସ୍ଥାନ ଅଧିକାର କରିଥିବା ସୁନିଧି କଶ୍ୟପ ଜେନାଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଛି। ଏଥିସହିତ ସ୍ୱେଚ୍ଛାସେବୀ ସାଇରଞ୍ଜନ ଲେଙ୍କା, କ୍ଷିରୋଦ ପଣ୍ଡା, ରାକ୍ଷୀ ପୂର୍ଣ୍ଣିମା ଭଞ୍ଜଦେଓ, ଦିବ୍ୟାନୀ ବେହେରା, ଅଭିଷେକ ଦାସ, ପାଏଲ ମଣ୍ଡଳ ପ୍ରମୁଖ ୧୨ଜଣ ସ୍ୱେଚ୍ଛାସେବୀଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଅନୁଷ୍ଠିତ ଏକ ଜିଲ୍ଲାସ୍ତରୀୟ ପଡ଼ୋଶୀ ଯୁବ ପାର୍ଲାମେଣ୍ଟ କାର୍ଯ୍ୟକ୍ରମରେ ଯୁବବର୍ଗ ଅଂଶଗ୍ରହଣ କରିଥିଲେ।

